ଧରିତ୍ରୀ
DHARITRI

November 16-22, 2025 ₹ 2/-

ଧରିତ୍ରୀ
DHARITRI
51
Years

# ଖବରକାଗଜର ସ୍ୱତନ୍ତ୍ର ସଂଗ୍ରାହକ

ଖବରକାଗଜ ପ୍ରାୟ ସମସ୍ତେ ପଢ଼ନ୍ତି । କିନ୍ତୁ ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ କେବଳ ପଢ଼ନ୍ତି ନାହିଁ, କିଛି ନିର୍ଦ୍ଦିଷ୍ଟ ଖବର ଉପରେ ଗୁରୁତ୍ୱ ଦେଇ ତାକୁ ହିଁ ସଂଗ୍ରହକରି ସାଇତି ରଖନ୍ତି...



୩
ପ୍ରଚ୍ଛଦ ପ୍ରସଙ୍ଗ

## ବାସ୍ତୁଦୋଷ ଠିକ୍ କରିବାର ଘରୋଇ ଉପାୟ

**ବାସ୍ତୁଦୋଷ ଥିଲେ ଘରେ ନକରାତ୍ମକ ଉର୍ଜ୍ଜା ବୃଦ୍ଧି ପାଇ ବିଭିନ୍ନ ପ୍ରକାରର ସମସ୍ୟା ଉପୁଜିଥାଏ। ଏଥିରୁ ମୁକ୍ତି ପାଇବା ପାଇଁ ବାସ୍ତୁଶାସ୍ତ୍ରରେ କିଛିଟା ସହଜ ଉପାୟ ରହିଛି...**



✲ ଘରେ ଭୁଲ୍ ଦିଗରେ ଧାର୍ମିକ ପୁସ୍ତକ ରହିବା ମଧ୍ୟ ଏକପ୍ରକାର ବାସ୍ତୁଦୋଷ। ବାସ୍ତୁ ଅନୁସାରେ, ପଶ୍ଚିମ ଦିଗରେ ଧାର୍ମିକ ପୁସ୍ତକ ରଖିବା ଶୁଭ ହୋଇଥାଏ।

✲ ଘରେ ଝଗଡ଼ା ଲାଗିବା ବି କେତେକାଂଶରେ ବାସ୍ତୁଦୋଷକୁ ସୂଚାଇଥାଏ। ଏଥିରୁ ମୁକ୍ତି ପାଇବାକୁ ପ୍ରତିଦିନ ସକାଳେ ଘର ପରିଷ୍କାର କରିବା ପରେ ହଳଦୀ ପାଣିକୁ ପାନପତ୍ର ସାହାଯ୍ୟରେ ଘରର ଚାରିଆଡ଼େ ପକାଇଲେ ମାତା ଲକ୍ଷ୍ମୀ ପ୍ରସନ୍ନ ହେବା ସହ ଘରେ ଶାନ୍ତି ବଜାୟ ରହିଥାଏ।

✲ ପ୍ରତିଦିନ ଠାକୁର ପୂଜା ସମୟରେ ଦୀପ ଜଳାଇବା ସହ ଘଣ୍ଟି ବଜାଇବା, ଶଙ୍ଖ ଫୁଙ୍କିବା ବି ବାସ୍ତୁଦୋଷକୁ ଦୂର କରିବାରେ ଅନେକ ସାହାଯ୍ୟ କରିଥାଏ।

✲ କବାଟ କୋଣରେ ଝାଡୁ ନ ରଖି ଏମିତି କୌଣସି ପରିଷ୍କାର ସ୍ଥାନରେ ରଖିବେ; ଯେମିତି ଝାଡୁରେ କାହାର ଗୋଡ଼ ବାଜୁ ନଥିବ କି ଅନ୍ୟ କୌଣସି ଜିନିଷ ତା' ଉପରେ ଲଦି ହେଉ ନଥିବ।

✲ ଲିଭିଂରୁମ୍ କାନ୍ଥରେ ହସଖୁସିଭରା ପରିବାର ବର୍ଗଙ୍କର ଫଟୋ ହେଉ ଅଥବା ସବୁଜିମାଭରା ଫଟୋ କିମ୍ବା ଆଶୀର୍ବାଦ ଭଙ୍ଗୀରେ ସାଧୁସନ୍ଥଙ୍କର ଫଟୋ ଲଗାଇବା ଶୁଭ ହୋଇଥାଏ। ଏହା ଘର ମୁଖିଆଙ୍କର ମାନସିକ ସ୍ଥିତିକୁ ଶାନ୍ତ ଓ ସ୍ଥିର ରଖିବାରେ ସହାୟକ ହୁଏ।

✲ ବାସ୍ତୁଶାସ୍ତ୍ର ଅନୁଯାୟୀ, ଠାକୁର ଘରେ ଦେବଦେବୀଙ୍କ ଫଟୋକୁ ପରସ୍ପରର ସାମ୍ନାସାମ୍ନି ରଖିବା ବି ବାସ୍ତୁଦୋଷ ଉପୁଜାଇଥାଏ।

✲ ଘରର ଉତ୍ତର-ପୂର୍ବ ଦିଗରେ ତୁଳସୀ ଗଛ ଲଗାଇ ପ୍ରତିଦିନ ଦୀପ ଜାଳି ଘରର ଶୁଭ ମନାସିଲେ ଘରେ ଶାନ୍ତି ବୃଦ୍ଧି ପାଏ ବୋଲି ବିଶ୍ୱାସ କରାଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୧୬-୨୨, ୨୦୨୫

**ମେଷ**
ଦୈହିକ ଦୁର୍ବଳତା, ଆର୍ଥିକ ଦୂରବସ୍ଥା, ଭ୍ରାତୃସମ୍ପର୍କରେ ନ୍ୟୂନତା, ବନ୍ଧୁଙ୍କ ସୌଜନ୍ୟତା, ସରକାରୀ ସହାୟତା, ପାରିବାରିକ ମତାନ୍ତର, ବ୍ୟବସାୟରେ ଉନ୍ନତି, ଜମିଜମା ରେଜିଷ୍ଟ୍ରେସନ, ତୀର୍ଥଭ୍ରମଣର ସୁଯୋଗ, ଶୁଭଖବର ପ୍ରାପ୍ତି ॥

**ବୃଷ**
ଆନୁଷ୍ଠାନିକ କର୍ମାରମ୍ଭ, ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ପଡୋଶୀଙ୍କ ଅପପ୍ରଚାର, ସାମ୍ବାଦିକତାରୁ ଗୌରବ, ପ୍ରଶାସନିକ ସଫଳତା, କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ନୂତନସମ୍ପର୍କ ସ୍ଥାପନ, ଧର୍ମକାର୍ଯ୍ୟରେ ସହଯୋଗ ॥

**ମିଥୁନ**
ନୂତନ ଯୋଜନାରମ୍ଭ, ଆଇନ ସହାୟତାପ୍ରାପ୍ତି, ପାରିବାରିକ କଳହ, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ସ୍ୱର୍ଣ୍ଣାଳଙ୍କାର କ୍ରୟ, ନୃତ୍ୟସଙ୍ଗୀତରୁ ପ୍ରଶଂସା, ସାଙ୍ଗଠନିକ କାର୍ଯ୍ୟାରମ୍ଭ, ଦର୍ଶନୀୟ ସ୍ଥାନ ଭ୍ରମଣ, କାର୍ଯ୍ୟହାନୀରୁ ମନସ୍ତାପ ॥

**କର୍କଟ**
ମାନସିକ ଅସ୍ଥିରତା, ପାରିବାରିକ ସହାନୁଭୂତି, ସହକର୍ମୀଙ୍କ ସହଯୋଗ, ପଡୋଶୀ ସମ୍ପର୍କ ବ୍ୟାହତ, ସମ୍ପ୍ରସାରିତ ବ୍ୟବସାୟ, ସ୍ୱଜନଙ୍କ ପରଶ୍ରୀକାତରତା, ଈର୍ଷା ପରାୟଣତାରୁ ଅସୁବିଧା ॥

**ସିଂହ**
ଦୁଃଶ୍ଚିନ୍ତା ଦୂର ହେବ, ଶିଳ୍ପବାଣିଜ୍ୟର ଅଭିବୃଦ୍ଧି, ଶେୟାର ବଜାରରେ ଉନ୍ନତି, ନିର୍ମାଣକୁ ନେଇ ଦ୍ୱନ୍ଦ୍ୱ, ବିବାଦରେ ବିଜୟ, ସନ୍ତାନଙ୍କ ବୈବାହିକ ସମସ୍ୟା, ତୀର୍ଥାଟନର ସୁଯୋଗ, କଲ୍ୟାଣମୂଳକ କାର୍ଯ୍ୟାରମ୍ଭ ॥

**କନ୍ୟା**
ସ୍ଥଗିତ କାର୍ଯ୍ୟାରମ୍ଭ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ଉଚ୍ଚଶିକ୍ଷାର ସୁଯୋଗ, ସାହିତ୍ୟକୃତିରୁ ପ୍ରଶଂସା, ଗବେଷଣାରେ ପ୍ରତିବନ୍ଧକ, ବିଦେଶଯାତ୍ରାର ଆୟୋଜନ, ପ୍ରକାଶନରେ ସମସ୍ୟା, ଏଜେନ୍ସିପ୍ ବଢିବ, ଅର୍ଥନୈତିକ ସଂସ୍କାର ॥

**ତୁଳା**
କର୍ମ ସମ୍ପାଦନରେ ସମସ୍ୟା, ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ସହାୟତା, ମନୋରଞ୍ଜନରେ ବିମୁଖତା, ଯାନ୍ତ୍ରିକ ଜିନିଷ କ୍ରୟ, ରଚନାତ୍ମକ କାର୍ଯ୍ୟାରମ୍ଭ, ସଭାସମିତକୁ ନିମନ୍ତ୍ରଣ, ଜମିଜମା କାରବାର, କ୍ରୀଡା ଚଳଚ୍ଚିତ୍ରରେ ପ୍ରଶଂସା ॥

**ବିଛା**
ଶାରୀରିକ ସୁସ୍ଥତା,ଆତ୍ମୀୟଙ୍କ ଆତ୍ମୀୟତା, ଅଧସ୍ତନଙ୍କ ଅନୁରକ୍ତି, ପରିସ୍ଥିତିର ତାଡନା, ବୈପ୍ଳବିକ ଚିନ୍ତାଧାରା, ବ୍ୟବସାୟିକ ଉନ୍ନତି, ନୂତନ ପ୍ରକଳ୍ପାରମ୍ଭ, କଳ୍ପନାକୁ ସାକାର କରିପାରନ୍ତି, ପାରିବାରିକରେ ବୃଥାଲୋଚନା, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**
ପରିବାରରେ ସମନ୍ୱୟର ଅଭାବ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଅନୁଚିନ୍ତା, ମାନସିକ ଅସ୍ଥିରତା, ବନ୍ଧୁସମ୍ପର୍କର ମାଦକତା, କଚେରୀ ମାମଲାରେ ବାଇଦା, ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ॥

**ମକର**
ଅର୍ଥର ପ୍ରାଚୁର୍ଯ୍ୟ, ବିବାଦରେ ବିଜୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ଯୋଜନାରମ୍ଭ, ସଭା ସମିତିକୁ ନିମନ୍ତ୍ରଣ, ନିର୍ମାଣରେ ବିବାଦ, ଦୂରଯାତ୍ରାର ପରିକଳ୍ପନା, ଅନୁକୂଳ ବାତାବରଣ, ସାମାଜିକ ପ୍ରତିଷ୍ଠା, ମନପ୍ରଫୁଲ୍ଲିତ ରହିବ, ବିଦେଶସ୍ଥ ସନ୍ତାନଙ୍କ ଚିନ୍ତା ॥

**କୁମ୍ଭ**
ବିବାଦର ଫଇସଲା, ଆର୍ଥିକ ପ୍ରଗତି, ନୂତନ ଗୃହାରମ୍ଭ, ଜମିଜମା କାରବାର, ବ୍ୟବସାୟିକ ଉତ୍କର୍ଷ, ବନ୍ଧୁଙ୍କ ପ୍ରଶଂସା, ସରକାରୀ ସହାୟତା, ପ୍ରଶାସନିକ ସଫଳତା, ଆତ୍ମୀୟଙ୍କ ବେଖାତିର ମନୋଭାବ, ପରିସ୍ଥିତି ଜଟିଳ ହୋଇପାରେ ॥

**ମୀନ**
ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ, କାମ ସ୍ଥଗିତ ରହିପାରେ, ସ୍ୱାସ୍ଥ୍ୟରେ ଉନ୍ନତି, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ପରିବାରର ଖର୍ଚ୍ଚଭାର ବୃଦ୍ଧି, ନୂତନ ବନ୍ଧୁସମ୍ପର୍କ, ସତ୍‌ସଙ୍ଗର ସାନ୍ନିଧ୍ୟ, ନୂତନ ବାଣିଜ୍ୟାରମ୍ଭ, ପିତୃବର୍ଗରେ ପୀଡା, ସାମାଜିକ ପ୍ରତିଷ୍ଠା ॥

## ସୁପରଫୁଡ୍ କନ୍ଦମୂଳ



କନ୍ଦମୂଳ ଏମିତି ଏକ ପରିବା; ଯାହା ଶରୀର ପାଇଁ ଖୁବ୍ ଉପକାରୀ ହୋଇଥାଏ। ବିଶେଷକରି ଶୀତଦିନେ ଏହାକୁ ଖାଇବା ନିହାତି ଆବଶ୍ୟକ। କାରଣ ଏଥିରେ ଭିଟାମିନ୍ ଏ ଓ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଥାଏ। ଯଦ୍ଦ୍ୱାରା ଏହାକୁ ନିୟମିତ ଖାଇଲେ ଦୃଷ୍ଟିଶକ୍ତି ପ୍ରଖର ହେବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏଥିସହିତ ଶୀତଦିନେ ହେଉଥିବା ଥଣ୍ଡା, କାଶରୁ ବି ଏହା କେତେକାଂଶରେ ରକ୍ଷା କରିଥାଏ। କୁହାଯାଏ, କନ୍ଦମୂଳ ଯେତେ ଗାଢ଼ ରଙ୍ଗର ହେବ ସେଥିରେ ବିଟା କ୍ୟାରୋଟିନ୍‌ର ମାତ୍ରା ସେତେ ଅଧିକ ରହିବ; ଯାହାକି ଏହାକୁ ଅଧିକ ପୌଷ୍ଟିକ କରିବ। ଏଥିସହିତ କନ୍ଦମୂଳରେ ଥିବା ପ୍ରାକୃତିକ ଫାଇବର୍ ତତ୍ତ୍ୱ ଯୋଗୁ ଏହା ବ୍ୟକ୍ତିଙ୍କର ହଜମକ୍ରିୟାକୁ ମଧ୍ୟ ସକ୍ରିୟ କରିବାରେ ଅନେକ ସାହାଯ୍ୟ କରିଥାଏ। ସେହିପରି କନ୍ଦମୂଳରେ କାର୍ବୋହାଇଡ୍ରେଟ୍ ବି ସଠିକ୍ ପରିମାଣରେ ରହିଥାଏ; ଯାହା ଶରୀରକୁ ଶକ୍ତି ଯୋଗାଇବା ସହ ରକ୍ତଚାପକୁ ବି ନିୟନ୍ତ୍ରଣରେ ରଖିଥାଏ। ସେଥିପାଇଁ ଜିମ୍ ଯାଉଥିବା ବ୍ୟକ୍ତି, ଛାତ୍ରୀଛାତ୍ର ଏପରିକି ବିଭିନ୍ନ କାମରେ ଖୁବ୍ ବ୍ୟସ୍ତ ରହୁଥିବା ବ୍ୟକ୍ତିମାନଙ୍କୁ ନିୟମିତ କନ୍ଦମୂଳ ଖାଇବାକୁ ପରାମର୍ଶ ଦିଆଯାଇଥାଏ। ତେବେ ସବୁ ଜିନିଷର ଗୋଟେ ନିର୍ଦ୍ଦିଷ୍ଟ ସୀମା ରହିଛି। ତେଣୁ ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ଆବଶ୍ୟତକାଠାରୁ ଅଧିକ ପରିମାଣରେ କନ୍ଦମୂଳ ନଖାଇ ଯେତିକି ଦରକାର ସେତିକି ଖାଇବା ବିଧେୟ।

## ପାଠକୀୟ

✲ ଏମାନଙ୍କ ଆତ୍ମବିଶ୍ୱାସ ଆଗରେ ହାର ମାନିଛି କ୍ୟାନ୍‌ସର। ପରିବାର ଆଉ ସମାଜ ପାଇଁ କିଛି କରିବାର ଝୁଙ୍କ୍ ଏମାନଙ୍କ ମନୋବଳକୁ ଆହୁରି ବଢ଼ାଇ ଦେଇଛି। ଜଣେ ଯୋଦ୍ଧା ଭାବେ କ୍ୟାନ୍‌ସର ସହ ଲଢ଼ିଛନ୍ତି ଓ ପାଲଟିଛନ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣା। ତେଣୁ ଏଭଳି ଏକ ନିଆରା ବିଷୟକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'କ୍ୟାନ୍‌ସର ଯୋଦ୍ଧା' ଶୀର୍ଷକ ଆଲେଖ୍ୟଟି ବେଶ୍ ପ୍ରେରଣାଦାୟୀ ଥିଲା।

*– ପଦ୍ମଜା ତ୍ରିପାଠୀ, ରସୁଲଗଡ଼, ଭୁବନେଶ୍ୱର*

✲ କ୍ୟାନ୍‌ସର ଭଳି ମାରାତ୍ମକ ରୋଗ ସଙ୍ଗେ ଏମାନେ ଲଢ଼ିଛନ୍ତି। ତା'ର ଅସହ୍ୟ ଯନ୍ତ୍ରଣାକୁ ସହିଛନ୍ତି। ଏତେ ଦୁଃଖକଷ୍ଟ ସତ୍ତ୍ୱେ ବି ନିଜ ଆତ୍ମବଳକୁ କମିବାକୁ ଦେଇନାହାନ୍ତି ବରଂ ଆଗକୁ ଆଗେଇ ନିଜକୁ କ୍ୟାନ୍‌ସର ଯୋଦ୍ଧାର ପରିଚୟ ଦେଇଛନ୍ତି। ଏଭଳି ହୃଦୟଛୁଆଁ ଆଲେଖ୍ୟକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'କ୍ୟାନ୍‌ସର ଯୋଦ୍ଧା'ର ସୁନ୍ଦର ଉପସ୍ଥାପନା ଶୈଳୀ ପାଇଁ ଛୁଟିଦିନକୁ ଅଶେଷ ଧନ୍ୟବାଦ।

*– ଶୁଭମ୍ ପଟ୍ଟନାୟକ, କଟକ*

✲ 'ଗୁଣକାରୀ ଧନିଆପତ୍ର', 'ଦୁଃସ୍ୱପ୍ନ ଆସୁଥିଲେ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଗୀତିକବି, ଗାଳ୍ପିକ, ପ୍ରାବନ୍ଧିକ ହଂସନାଥ ମୁଦୁଲିଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। 'ଗଣତନ୍ତ୍ରରେ ଯୋଗଦାନ' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା।

*– ପୁନମ୍ ପୃଷ୍ଟି, ନୟାଗଡ଼*

✲ ସିନେମା ପୃଷ୍ଠାଟି ଖୁବ୍ ଆକର୍ଷଣୀୟ ଥିଲା। ଏଥିରେ ସ୍ଥାନିତ 'କବିତା ରଚନାରୁ ଅଭିନେତ୍ରୀ', 'ସ୍ୱରାଜଙ୍କ ନୂଆ ଅବତାର', 'ମଉଳିନି ଆଶା' ଆଦି ପାଠର ଉପସ୍ଥାପନା ଶୈଳୀ ବେଶ୍ ନିଆରା ଲାଗୁଥିଲା। ସାଥୀର ଉତ୍ତରଗୁଡ଼ିକ ରୋମାଣ୍ଟିକ୍‌ଭରା ଥିଲା। 'ବର୍ଥ ମାର୍କ ଦେଲା ପରିଚୟ' ପାଠଟି ଟିକେ ଭିନ୍ନ ଧରଣର ଆଲେଖ୍ୟ ଥିଲା।

*–ଶତ୍ରୁଘ୍ନ ମହାନ୍ତି, ରାଉରକେଲା*

✲ ଶିକ୍ଷକ ତଥା ସାହିତ୍ୟିକ ଡ. ଦ୍ୱିତୀ ଚନ୍ଦ୍ର ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ହୃଦୟଛୁଆଁ ହୋଇଥିଲା। ତାଙ୍କ ଅନୁଭୂତିଟି ପଢ଼ିଲାବେଳେ ମୋର ବି ମୋ ଅତୀତ କଥା ମନେ ପଡ଼ିଯାଉଥିଲା। ଦ୍ୱିତୀ ସାର୍‌ଙ୍କୁ ପ୍ରଣାମ କରୁଛି ଏବଂ ଛୁଟିଦିନକୁ କୃତଜ୍ଞତା ଦେଉଛି ମୋତେ ସେ ଅନୁଭବ ଦେଇଥିବା ହେତୁ।

*– ରାଧାକାନ୍ତ ରାଉତ, ଇଲେକ୍ଟ୍ରିକାଲ କଲୋନି, ରାୟଗଡ଼*

✲ ସହର ପୃଷ୍ଠାରୁ 'ସ୍ଲିପ୍ ଟୁରିଜମ୍' ଏବଂ ବିବିଧା ପୃଷ୍ଠାରୁ 'ପେପର ବ୍ୟାଗ୍' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟଙ୍ଗ ପୃଷ୍ଠାରେ 'ଉପବାସ ଉପାଖ୍ୟାନ' ଶୀର୍ଷକ ପାଠଟି ବେଶ୍ ନିଆରା ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଆଖିରେ ଲାଗିଛି ୨ କ୍ୟାରେଟ୍‌ର ହୀରା', 'ମାନବ ଶରୀର ଭିତରେ କରିବେ ଭ୍ରମଣ', ଆଦି ପାଠ ଖୁବ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ରୂପେଶ ଷଡ଼ଙ୍ଗୀ, ସମ୍ବଲପୁର*




## ବିଶେଷ ଚିଠି

କ୍ୟାନ୍‌ସର ଯୋଦ୍ଧାକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ପ୍ରେରଣା ବି ସେମିତି।
ସୃଜନର ଗପ ବି ଲାଗୁଥିଲା
ଭାରି ମନଛୁଆଁ,
ସିନେମାର ପାଠ ମଧ୍ୟ
କରୁଥିଲା କିମିଆ।
ହେ ମୋର ପ୍ରିୟ ଛୁଟିଦିନ
ସବୁବେଳେ ଲାଗ ତୁମେ ଉତ୍ତମ।

*– ରାକେଶ ସାହୁ, ମୟୂରଭଞ୍ଜ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଖବରକାଗଜର ସ୍ୱତନ୍ତ୍ର ସଂଗ୍ରାହକ

**ଖବରକାଗଜ ପ୍ରାୟ ସମସ୍ତେ ପଢନ୍ତି। କିନ୍ତୁ ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ କି କେବଳ ପଢନ୍ତି ନାହିଁ, କିଛି ନିର୍ଦ୍ଦିଷ୍ଟ ଖବର ଉପରେ ଗୁରୁତ୍ୱ ଦେଇ ତାକୁ ହିଁ ସଂଗ୍ରହକରି ସାଇତି ରଖନ୍ତି। ଏଭଳି କେତେଜଣ ସ୍ୱତନ୍ତ୍ର ଖବରକାଗଜ ସଂଗ୍ରାହକଙ୍କ ସମ୍ପର୍କରେ...**



ଗଣମାଧ୍ୟମକୁ ସମାଜର ଦର୍ପଣ କୁହାଯାଏ। ଆଉ ଏହି ଗଣମାଧ୍ୟମର ଏକ ମୁଖ୍ୟ କ୍ଷେତ୍ର ହେଲା ଖବରକାଗଜ। ସମସ୍ତେ ତ ଖବରକାଗଜ ପଢନ୍ତି। କିନ୍ତୁ ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଖବରକାଗଜ କେବଳ ପଢନ୍ତି ନାହିଁ, କିଛି ନିର୍ଦ୍ଦିଷ୍ଟ ଖବର ଉପରେ ଗୁରୁତ୍ୱ ଦେଇ ତାକୁ ହିଁ ସଂଗ୍ରହକରି ସାଇତି ରଖନ୍ତି। ଏଥିପାଇଁ ସେମାନେ ବିଭିନ୍ନ ସ୍ଥାନକୁ ଯାଇ ବିଭିନ୍ନ ଭାଷାର ଖବରକାଗଜ ଓ ପତ୍ରପତ୍ରିକା ଆଣିବା ସହ କିଛି ନିର୍ଦ୍ଦିଷ୍ଟ ଖବରର କଟିଂ କରି ସାଇତି ରଖନ୍ତି। ଏହି କ୍ରମରେ ସେମାନେ ହଜାର ହଜାର ଖବରକାଗଜ ସଂଗ୍ରହ କରି ରଖିଛନ୍ତି।

**ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ବିଭିନ୍ନ ଖବରର ସଂଗ୍ରାହଳୟ** :ସେ ଜଣେ ଉଚ୍ଚଶିକ୍ଷିତ ଯୁବକ । ଖବରକାଗଜ ପଢିବାକୁ ଭଲ ପାଆନ୍ତି। ୧୯୯୯ ମହାବାତ୍ୟା ପରେ ସେ ଚିନ୍ତା କଲେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ଖବର ସଂଗ୍ର କରି ରଖିବେ। ସେଇଠୁ ଆରମ୍ଭ ତାଙ୍କର ସଂଗ୍ରହର ଯାତ୍ରା। ବିପର୍ଯ୍ୟୟ ସମ୍ପର୍କିତ ଖବର ପାଇଁ ସେ ବିଭିନ୍ନ ଖବରକାଗଜ ସହ ଅନ୍ୟ ଭାଷାର ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ ଓ ବାର୍ଷିକ ମାଗାଜିନକୁ ସଂଗ୍ରହ କଲେ। ସେ ହେଲେ **ଅରବିନ୍ଦ ରାୟ**, ତାଙ୍କର ଜନ୍ମ ଭୁବନେଶ୍ୱରରେ। ମାଛରଙ୍କା ନାମରେ ଏକ ଛୋଟ ରେଷ୍ଟୁରାଣ୍ଟ କରି ପରିବାର ଚଳାଉଥିବା ବେଳେ ବିଭିନ୍ନ ପତ୍ରପତ୍ରିକା ସଂଗ୍ରହ କରିବା ତାଙ୍କର ନିଶା। ସେ କୁହନ୍ତି, 'ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି(ଓଏସ୍‌ଡିଏମ୍‌ଏ)ରେ କାର୍ଯ୍ୟ କରୁଥାଏ। ସେତେବେଳେ ଘଟିଥିବା ବିପର୍ଯ୍ୟୟର ଖବର ବିଭିନ୍ନ ଖବରକାଗଜରେ ପଢୁଥାଏ। ଧୀରେ ଧୀରେ ଖବରକାଗଜରେ ପ୍ରକାଶିତ ହୋଇଥିବା ବିଭିନ୍ନ ସ୍ଥାନର ବିପର୍ଯ୍ୟୟ ଘଟଣାର ଫଟୋ ଓ ଖବରକୁ ସାଇତି ରଖିଲି। କିଛିବର୍ଷ ପରେ ସେହି ସ୍ଥାନର ରୂପ କିପରି ବଦଳିଥିଲା ସେ ସମ୍ପର୍କରେ ମଧ୍ୟ କେତେକ ଖବରକାଗଜରୁ ଖବର ସଂଗ୍ରହ କରିଥିଲି। ଏମିତି ସଂଗ୍ରହ କରିବା ନିଶାରେ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପର୍ଯ୍ୟୟ ଘଟଣାର ବିଭିନ୍ନ ଖବର କଟିଂ କରି ରଖିଛି। ପୁଣି ପ୍ରାକୃତିକ ବିପର୍ଯ୍ୟୟ ଘଟଣା ସମ୍ପର୍କରେ ସ୍ୱତନ୍ତ୍ର ରିପୋର୍ଟ ଓ ଫିଚର ପ୍ରକାଶିତ ହୋଇଥିବା ପ୍ରାୟ ୧ହଜାରରୁ ଅଧିକ ବିଭିନ୍ନ ଭାଷାର ପତ୍ରପତ୍ରିକାକୁ ସାଇତି ରଖିଛି। ଏଥିରୁ ସେହି ସମୟର ପ୍ରାକୃତିକ ଘଟଣା ସମ୍ପର୍କରେ ଜାଣିବା ପାଇଁ ଗବେଷଣା କରୁଥିବା ଅନେକ ଛାତ୍ରୀଛାତ୍ର ଓ ଗବେଷକ ମୋ ପାଖକୁ ଆସିଥାନ୍ତି। ଯାହା ମୋତେ ବହୁତ ଖୁସି ଦିଏ। ପ୍ରତିବର୍ଷ ଜାତୀୟ ପ୍ରେସ୍ ଦିବସ ହେଉ କି ପ୍ରାକୃତିକ ବିପର୍ଯ୍ୟୟ ଦିବସ ସେହି ସମୟର ସାଇତି ରଖିଥିବା ପତ୍ରପତ୍ରିକାଗୁଡ଼ିକୁ ପ୍ରଦର୍ଶନ କରାଇଥାଏ।

**ଶିଶୁପତ୍ରିକା ସହ ରହିଛି ବିଭିନ୍ନ ସ୍ମରଣିକାର ସମ୍ଭାର:** ବିଭିନ୍ନ ପତ୍ରପତ୍ରିକା, ଖବରକାଗଜ ସଂଗ୍ରହ କରିବା ନିଶାରେ ସେ ଦୈନିକ, ସାପ୍ତାହିକ, ପାକ୍ଷିକ ଓ ମାସିକ ଆଦି ପ୍ରାୟ ୧୮୦ ପ୍ରକାର ଖବରକାଗଜ ସଂଗ୍ରହ କରି ରଖିଛନ୍ତି। ଏହାମଧ୍ୟରେ ପ୍ରାୟ ୨ହଜାର ପ୍ରକାର ସାହିତ୍ୟ ପତ୍ରିକା ରହିଥିବା ବେଳେ ବିଭିନ୍ନ ସ୍କୁଲ, କଲେଜ, ମହାବିଦ୍ୟାଳୟ, ସାମାଜିକ, ସାଂସ୍କୃତିକ, ଖେଳ ଅନୁଷ୍ଠାନ, ଉତ୍ସବ, ମହୋତ୍ସବ ଆଦି ଅନୁଷ୍ଠାନ, ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରକାଶିତ ପ୍ରାୟ ୪୫୦୦ ପ୍ରକାର ସ୍ମରଣିକା ସାଇତି ରଖିଛନ୍ତି। କେବଳ ସେତିକି ନୁହେଁ, ଆଧ୍ୟାତ୍ମିକ ଓ ଶିଶୁମାନଙ୍କ ଲାଗି ଶିଶୁ ପତ୍ରିକା ଭାବେ ଶିଶୁ ସମାଚାର, ଶିଶୁ ସମାଜ, ଶିଶୁସଭା, ସୁନାଭଉଣୀ, ଶାନ୍ତି ଦୁନିଆ, ଶିଶୁଧାରା, ଶିଶୁ ପ୍ରତିଯୋଗୀ, ଶିଶୁସାହିତ୍ୟ ଉଦୟ, ପିଲାଙ୍କ ସମ୍ବାଦ, ପିଲାଙ୍କ ଜୀବନ, କିଶୋର ସାଥୀ, ଶିଶୁବାଟିକା, ଶିଶୁସାହିତ୍ୟ ସମାଚାର, ମିଠେଇ, ସ୍ମାର୍ଟପିଲାଙ୍କ ସ୍ମାର୍ଟକାଗଜ, ବାନର ସେନା, ମୁନା ଭାଇନା, ବିଲୁଆ ନନା, ଶିଶୁବାର୍ତ୍ତା, ଟିକିତାରା, ଶିଶୁ ସାଧନା, ଅଙ୍କୁରୋଦନ, ଶିଶୁଲେଖା, ଶରଦଶଶି, ଟୁଉକୁମୁଷି, ଶୁଆଶାରୀ, ବାଲିଘର, ଇଟିକିଲି ମିଟିକିଲି, ତେଲିଙ୍ଗବାଜା ଆଦି ଶତାଧିକ ଶିଶୁ ପତ୍ରପତ୍ରିକା ସାଇତି ରଖିଛନ୍ତି। ସେ ହେଲେ **ରାଜକିଶୋର ଷଡଙ୍ଗୀ**, ଘର ଜଗତ୍‌ସିଂହପୁର ଜିଲାର କୁଜଙ୍ଗରେ। ସେ ଜଣେ ସରକାରୀ କର୍ମଚାରୀ, ମାତ୍ର ନିଶା ବିଭିନ୍ନ ପତ୍ରପତ୍ରିକା ସଂଗ୍ରହ କରିବା। ସେ କୁହନ୍ତି, '୨୦୦୪ ମସିହାରୁ ତାଙ୍କର ଏହି ପତ୍ରପତ୍ରିକା ସଂଗ୍ରହ କରିବା ନିଶା ରହିଛି। ବର୍ତ୍ତମାନ ସୁଦ୍ଧା ସେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ପତ୍ରପତ୍ରିକା ସାଇତି ରଖିଛନ୍ତି। ସ୍କୁଲ ବୟସରୁ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକା ପଢିବାକୁ ଖୁବ୍ ଭଲପାଉଥିଲି। । ଏମିତି ପତ୍ରପତ୍ରିକା ପଢୁ ପଢୁ ସଂଗ୍ରହକରି ସାଇତି ରଖିବା ଏକ ଅଭ୍ୟାସ ହୋଇଯାଇଥିଲା। ମୁଁ ଯେବେ ବି କେଉଁଠିକି ଯାଏ ସେଠାରୁ ପ୍ରକାଶିତ କିମ୍ବା ମିଳୁଥିବା କୌଣସି ନୂଆ ପତ୍ରପତ୍ରିକାଟିଏ ଦେଖିଲେ ସଂଗ୍ରହ କରି ଆଣିଥାଏ। ବିଭିନ୍ନ ସମୟରେ କେତେକ ବହି ଦୋକାନ, ପୁସ୍ତକ ମେଳା, ପାଠାଗାର, ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନରୁ ପତ୍ରିକା ସଂଗ୍ରହକରି ଆଣିଥାନ୍ତି। ଏହି ପତ୍ରପତ୍ରିକାରୁ ଅନେକ ଗବେଷଣାଧର୍ମୀ ଲେଖା ମିଳିପାରୁଛି।' ଏ ସବୁକୁ ନେଇ ସେ ଏକ ଗ୍ୟାଲେରି କରି ସାଇତି ରଖିଛନ୍ତି। ଏହି ପତ୍ରପତ୍ରିକାରୁ ସଂସ୍କୃତି, ଐତିହ୍ୟ, ପରମ୍ପରା, ଇତିହାସ ଆଦି ଅନେକ ବିଷୟରେ ଜାଣିହେବ।

**ଗାନ୍ଧିଜୀଙ୍କ ସମ୍ପର୍କିତ ଖବରର ସଂଗ୍ରହାଳୟ:** ପିଲାଦିନେ ସେ ତାଙ୍କ ମା'ଙ୍କଠାରୁ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ଶୁଣିଥିଲେ। ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଗାନ୍ଧିଜୀଙ୍କ ବିଷୟରେ ଅଧିକ ଜାଣିବାକୁ ଆଗ୍ରହି କରାଇଲା। ସେବେଠାରୁ ସେ ଗାନ୍ଧିଜୀଙ୍କ ସମ୍ପର୍କିତ ପ୍ରକାଶିତ ଖବର ସଂଗ୍ରହ କରିବା ଆରମ୍ଭ କଲେ। ଆଉ ଆଜି ୧୫ଟିରୁ ଅଧିକ ଭାଷାରେ ପ୍ରକାଶିତ ପ୍ରାୟ ୪୫୩ରୁ ଅଧିକ ଖବରକାଗଜ ସଂଗ୍ରହକରି ସେ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ'ରେ ସ୍ଥାନ ପାଇଛନ୍ତି। ସେ ହେଲେ ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଔପଦା ଗାଁର **ଅଶୋକ କୁମାର ସାହୁ** । ପରିବାର ଚଳାଇବା ପାଇଁ ନିଜସ୍ୱ ଉଦ୍ୟମରେ ଏକ ଡିଟିପି ସେଣ୍ଟର କରିଛନ୍ତି। ତେବେ ତାଙ୍କର ନିଶା ଗାନ୍ଧିଜୀଙ୍କ ସମ୍ପର୍କିତ ବିଭିନ୍ନ ସ୍ମୃତି ସଂଗ୍ରହ କରିବା। ସେ କୁହନ୍ତି, 'ମୋ ମା' ପିଲାଦିନେ ଗାନ୍ଧିଜୀଙ୍କ ଜୀବନୀ କହୁଥିଲେ, ମାତ୍ର ସ୍କୁଲ →




ରାଜକିଶୋର ଷଡଙ୍ଗୀ

ଅରବିନ୍ଦ ରାୟ






ସୌମ୍ୟ ରଞ୍ଜନ ମହାନ୍ତି








ବୟସରେ ମହାତ୍ମା ଗାନ୍ଧୀଙ୍କୁ ଜାଣିବା ପାଇଁ ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା। ସେଥିପାଇଁ ବିଭିନ୍ନ ପତ୍ରପତ୍ରିକା ପଢିବା ସହିତ ତାଙ୍କ ସମ୍ପର୍କରେ ପ୍ରକାଶିତ ଲେଖାକୁ ସଂଗ୍ରହ କରୁଥିଲି। ତେବେ ୨୦୧୨, ଅକ୍ଟୋବର ୨ରେ ଗାନ୍ଧିଜୀଙ୍କ ଜନ୍ମଦିବସ ଅବସରରେ ପ୍ରାୟ ୧୯ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରକାଶିତ ୧୫ଟି ଭାଷାର ପ୍ରାୟ ୪୫୩ଟି ଖବରକାଗଜକୁ ସଂଗ୍ରହ କରିଥିଲି, ଯେଉଁଥିରେ କି ଗାନ୍ଧିଜୀଙ୍କ ସମ୍ପର୍କରେ ଲେଖା ପ୍ରକାଶିତ ହୋଇଥିଲା। ଏଥିପାଇଁ ଏହି ଖବରକାଗଜ ସଂଗ୍ରହ ନିମନ୍ତେ ବିଭିନ୍ନ ଅଞ୍ଚଳରେ ରହୁଥିବା ବନ୍ଧୁମାନଙ୍କ ସହଯୋଗରେ ସେମାନଙ୍କୁ ଅନୁରୋଧ କରି ଜଣାଇଥିଲି ସେ ଦିନର ଖବରକାଗଜଟିଏ ଆଣିବା ପାଇଁ। ସେମାନେ ବି ଆଣି ମତେ ଦେଉଥିଲେ। ଏହାଛଡ଼ା ଗାନ୍ଧିଜୀଙ୍କ ବିଷୟରେ ଲେଖାଥିବା ବିଭିନ୍ନ ଲେଖକଙ୍କ ୨୭୦ଟି ବହିକୁ ମଧ୍ୟ ସାଇତି ରଖିଛି। ସେହିପରି ଭାରତ ଓ ଭାରତ ବାହାରର ବିଭିନ୍ନ ସ୍ଥାନରେ ଥିବା ୧୮୫ଟି ଗାନ୍ଧିଜୀଙ୍କ ପ୍ରସିଦ୍ଧ ପ୍ରତିମୂର୍ତ୍ତିର ଫଟୋକୁ ସଂଗ୍ରହ କରି ରଖିଛି। ଏଥିସହିତ ବହୁ ବିରଳ ଲେଖା ଓ ଫଟୋ ଆଦି ସଂଗ୍ରହ କରିବାର ନିଶା ଏବେ ବି ରହିଛି। ଏଥିପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ଖର୍ଚ୍ଚ ମଧ୍ୟ ହୋଇଛି। ସାରା ଜୀବନ ଗାନ୍ଧିଜୀଙ୍କ ସ୍ମୃତି ସାଉଁଟିବାର ପ୍ରୟାସ ଜାରି ରହିଛି। ଗାନ୍ଧିଜୀଙ୍କ ସମ୍ପର୍କରେ ସାଇତି ରଖିଥିବା ନାନା ସ୍ମୃତିକୁ ଏକ ସଂଗ୍ରହାଳୟରେ ରଖିବା ପାଇଁ ପ୍ରୟାସ କରିଛି। ବିଭିନ୍ନ ପତ୍ରପତ୍ରିକାର ଲେଖା ଓ ଫଟୋରୁ ଗାନ୍ଧୀଙ୍କ ସମ୍ପର୍କରେ ଜାଣିବା ପାଇଁ ସ୍କୁଲ, କଲେଜର ଛାତ୍ରୀଛାତ୍ର ଓ ଗବେଷକମାନେ ଏଠାକୁ ଆସୁଥିବାରୁ ବହୁତ ଖୁସି ଲାଗିଥାଏ। ସେମାନେ ଏଥିରୁ ଉପକୃତ ହେବା ସହିତ ମୋତେ ଆତ୍ମସନ୍ତୋଷ ମିଳିପାରୁଛି। ମୋର ଏହି କାର୍ଯ୍ୟ ପାଇଁ ବିଭିନ୍ନ ସଂସ୍ଥାରୁ ପୁରସ୍କୃତ ଓ ସମ୍ମାନିତ ହୋଇଅଛି।

**ଶିଶୁ ପତ୍ରପତ୍ରିକାର ସଂଗ୍ରହ:** 'ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ' ଏ ବିଷୟକୁ ଅନୁଭବ କରି ଶିଶୁମାନଙ୍କ ବିଚାର ଓ ସୃଜନଶୀଳତା, ସେମାନଙ୍କ ଖେଳ, ଚରିତ୍ର ଗଠନ, ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥ ମାନସିକତା ଆଦି ବିଷୟରେ ବିଭିନ୍ନ ଖବର କାଗଜରୁ ପଢିବାକୁ ମିଳିଥାଏ। ଏମିତିରେ ଶିଶୁମାନଙ୍କ ଲାଗି ପ୍ରକାଶିତ ବିଭିନ୍ନ ପତ୍ରପତ୍ରିକାକୁ ସାଇତି ରଖୁଥିବା ସଂଗ୍ରାହକମାନଙ୍କ ମଧ୍ୟରେ **ବିକାଶ ଶତପଥୀ**ଙ୍କ କାର୍ଯ୍ୟ ବେଶ୍ ବାରି ହୋଇପଡ଼େ। ସେ ଜଣେ ବହୁମୁଖୀ ଯୁବପ୍ରତିଭା। କିନ୍ତୁ ବିଭିନ୍ନ ଖବରକାଗଜ ଓ ପୁସ୍ତକ ସଂଗ୍ରହ କରିବାର ନିଶା ତାଙ୍କୁ ଭିନ୍ନ ପରିଚୟ ଦେଇଛି। ସେ କୁହନ୍ତି, 'ଇଣ୍ଟରନେଟ୍‌ର ବହୁଳ ପ୍ରସାର ସମୟରେ କମି କମି ଯାଉଛି ପୁସ୍ତକ ପଠନ। ଏଥିପାଇଁ ପିଲାଙ୍କ ହାତରେ ବହି ଧରାଇବାର ପ୍ରୟାସ କରୁଛି। ପ୍ରଥମେ ଗ୍ରାମୀଣ ସଂସ୍କୃତି ଓ ଶିକ୍ଷାର ବିକାଶ ସମ୍ପର୍କରେ ଘର ଘର ବୁଲି ଉପାଦେୟ ପୁସ୍ତକ ଓ ପତ୍ରପତ୍ରିକା ସଂଗ୍ରହ କରୁଥିଲି। ଓଡ଼ିଶା ସଂଗ୍ରହ ସାମ୍ରାଜ୍ୟର ପ୍ରବାଦ ପୁରୁଷ ଦାଶରଥି ପଟ୍ଟନାୟକଙ୍କ ପଦାଙ୍କ ଅନୁସରଣ କରି ୧୯୯୦ ମସିହାରୁ ନିଜ ଜେଜେଙ୍କ ନାମରେ ଆରମ୍ଭ କଲି 'ଲୋକନାଥ ପାଠାଗାର'। ଏହି ପାଠାଗାର ଓ ସଂଗ୍ରହାଳୟ ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକାର ୧୨ନମ୍ବର ୱାର୍ଡ ହିନ୍ଦୁସ୍ତାନ ପେଟ୍ରୋଲ ପମ୍ପ ନିକଟରେ ଅବସ୍ଥିତ। ୧୨,୦୦୦ରୁ ଊର୍ଦ୍ଧ୍ୱ ପତ୍ରପତ୍ରିକା, ୨୦,୦୦୦ରୁ ଊର୍ଦ୍ଧ୍ୱ ବହୁ ମୂଲ୍ୟବାନ ପୁସ୍ତକ ପାଠାଗାରରେ ସାଇତା ହୋଇ ରହିଛି। ମୂଳ ଅଭିଯାନ ହେଲା ନିଃଶୁଳ୍କ ପାଠକ ସଂଗ୍ରହ। ଏହି ପାଠାଗାରରେ ପ୍ରତିଦିନ ଭିଡ଼ ଜମାନ୍ତି ବହୁ ଛାତ୍ରୀଛାତ୍ର ଓ ଜିଜ୍ଞାସୁ ବ୍ୟକ୍ତି। ଏଠାରେ ଦୁର୍ଲ୍ଲଭ ତାଳପତ୍ର ପୋଥିଠାରୁ ଆରମ୍ଭ କରି ଡାକ ଟିକେଟ, ଦେଶ ବିଦେଶର ପୁରୁଣା ମୁଦ୍ରା, ସାମୁଦ୍ରିକ ଜୀବ ସହିତ ସଂସ୍କୃତିରୁ ହଜି ଯାଉଥିବା ବହୁ ପୁରାତନ ଓ ବିରଳ ସାମଗ୍ରୀମାନ ସାଇତା ହୋଇ ରହିଛି। ମାତ୍ର ଶିଶୁମାନଙ୍କ ପାଇଁ ଶତାଧିକ ବିଭିନ୍ନ ପତ୍ରପତ୍ରିକା ରହିଛି। ସେଥିମଧ୍ୟରେ ଜହ୍ନମାମୁ, ଗୁଡୁକୁମୁସି, ନନ୍ଦନକାନନ, ଶିଶୁ ଲେଖା, ମନପବନ, ମିନାବଜାର, ସଂସାର, ବିଜ୍ଞାନ ଦିଗନ୍ତ, ଲୀଳାବତୀର ପୃଷ୍ଠା, ସୁନାଭଉଣୀ, ସରଗଶଶି, ବେଲୁନବାଲା, ସୁନାପିଲା, ରୁପାଥାଳିଆ, ବାନରସେନା, କୁନିରାଇଜ, ଝୁମୁକା, ବାଇଚଢ଼େଇ, କିଶୋର ସ୍ୱାକ୍ଷର, ଟୁଆଁଟୁଇଁ, ବାଘମାମୁ, ହଳଦୀ ବସନ୍ତ, ବିଲେଇ ନାନୀ, ପରୀରାଇଜ, କଣାମାମୁ, ପୁଷିମାଉସୀ, ବଗ ବଗୁଲି,ବାଲିଘର, କଳାମାଣିକ, ଚଇତି ଚଢ଼େଇ, ସୁନା କହ୍ନେଇ, ଶିଶୁ ପ୍ରତିଭା, ପରଶମଣି, କାଗଜଡଙ୍ଗା, କୁନି କଥା ଏପରି ଅନେକ ଶିଶୁପତ୍ରିକା ପିଲାମାନଙ୍କୁ ପଢ଼ିବା ପାଇଁ ଦିଆଯାଏ।' ଏଥିପାଇଁ ବିକାଶଙ୍କୁ ବିଭିନ୍ନ ସଂଗଠନ ଓ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

**ସାଇତା ହୋଇଛି ଅନେକ ଖେଳ ଖବର:** ଆଜକୁ ପ୍ରାୟ ୧୫ ବର୍ଷ ବିତିସାରିଲାଣି। ବିଭିନ୍ନ ସ୍ଥାନରୁ ନାନା ପ୍ରକାର ଖବରକାଗଜ, ମୁଦ୍ରା ଏବଂ ବିଭିନ୍ନ କ୍ରୀଡ଼ା ସମ୍ପର୍କିତ ଖବରକାଗଜ ଓ ମାଗାଜିନ୍‌କୁ ସେ ସଂଗ୍ରହ କରିଛନ୍ତି। ସେ ହେଲେ ଭୁବନେଶ୍ୱର ଭିଏସ୍‌ଏସ୍ ନଗରରେ ରହୁଥିବା **ସୌମ୍ୟ ରଞ୍ଜନ ମହାନ୍ତି**। ସେ କୁହନ୍ତି, 'ପିଲାଟି ଦିନରୁ ଘରେ ବିଭିନ୍ନ ସମୟରେ ଗୁରୁଜନମାନେ ମୋତେ ଦେଉଥିବା ଖୁଚୁରା ଟଙ୍କା ପଇସାକୁ ସାଇତି ରଖୁଥିଲି। ଏହି ସାଇତି ରଖିବାର ନିଶା ଯୋଗୁ ଏବେ ପ୍ରାୟ ୨୪୨ଟି ଦେଶର ମୁଦ୍ରା ମୋ ପାଖରେ ରହିଛି। ଏମିତିକି ଇଷ୍ଟ ଇଣ୍ଡିଆ କମ୍ପାନୀର କେତୋଟି ମୁଦ୍ରାକୁ ମଧ୍ୟ ସାଇତି ରଖିଛି। ଏହାପରେ ବିଭିନ୍ନ ପତ୍ରପତ୍ରିକା ସାଇତି ରଖିବାକୁ ମନ ବଳାଇଲି। ୨୦୧୦ ମସିହାରୁ ମୋର ଏହି ଅଭ୍ୟାସ ଆରମ୍ଭ ହୁଏ। ଏକ ଘରୋଇ କମ୍ପାନୀରେ କାମ କରୁଥିବାବେଳେ ସେଠାକୁ ଆସୁଥିବା ବିଦେଶ ରାଷ୍ଟ୍ରର ଅତିଥିମାନେ ଆଣୁଥିବା ବିଭିନ୍ନ ପତ୍ରପତ୍ରିକାଗୁଡ଼ିକୁ ସଂଗ୍ରହ କରି ଆଣୁଥିଲି। ତେବେ ମତେ ସବୁଠୁ ବେଶି ଆକର୍ଷିତ କରୁଥିଲା ଖେଳ ସମ୍ପର୍କିତ ଖବର। ତେଣୁ ଏ ସମ୍ପର୍କିତ ଖବର ପାଇଁ ଏକାଧିକ ପତ୍ରପତ୍ରିକା ସଂଗ୍ରହକରି ରଖିଲି। ପରେ କ୍ରିକେଟ, କବାଡ଼ି, ଫୁଟବଲ ଓ ଚେସ୍ ଆଦି ବିଭିନ୍ନ ଖେଳରେ ବିଜୟ ଲାଭ କରିଥିବା ଖବରକୁ ଖବରକାଗଜରୁ କଟିଂ କରି ସାଇତି ରଖିଲି। ଯାହାମଧ୍ୟରେ ବଙ୍ଗଳା, ତାମିଲ, ମରାଠି, ଇଂରାଜୀ, ଓଡ଼ିଆ, ହିନ୍ଦୀ ଆଦି ବିଭିନ୍ନ ଭାଷାରେ ପ୍ରକାଶିତ ହୋଇଥିବା ପ୍ରାୟ ୭୫ଖଣ୍ଡ ଖେଳ ପତ୍ରପତ୍ରିକା ସାଇତି ରଖିଛି। ପୁଣି ଖେଳ ସମ୍ପର୍କିତ କେତେକ ଡାକଟିକେଟ ମଧ୍ୟ ସଂଗ୍ରହକରି ରଖିଛି। ପତ୍ରପତ୍ରିକା ସଂଗ୍ରହ କରିବା ନିଶା ମୋର ଏବେ ମୋର ଅଭ୍ୟାସ ହୋଇଯାଇଛି। ପ୍ରେସ୍ ଦିବସ ସମେତ ଅନ୍ୟ ସମୟରେ ଏହାକୁ ପ୍ରଦର୍ଶନ କରାଇଥାଏ।

କେବଳ ଏମାନେ ନୁହନ୍ତି, ଏମାନଙ୍କ ପରି ଆହୁରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଏପରି ନିଶା ରହିଛି। ଯାହା ଏକ ସୁନ୍ଦର ପ୍ରୟାସ।

**- ବନବିହାରୀ ବେହେରା**




ବିକାଶ ଶତପଥୀ



ଅଶୋକ କୁମାର ସାହୁ

# ନୂଆ ନୁହେଁ ହ୍ୱାଇଟ୍ କଲାର ଟେରରିଜମ୍







ସେ ହୋଇପାରନ୍ତି ରୋଗୀଙ୍କୁ ନିଷ୍ଠାର ସହ ଚିକିତ୍ସା କରୁଥିବା ଡାକ୍ତର, ଅବା ଦେଶ ନିର୍ମାଣରେ ପ୍ରମୁଖ ଅଂଶଗ୍ରହଣ କରୁଥିବା ଇଞ୍ଜିନିୟର । ଅବା ହୋଇପାରନ୍ତି ସାଇପଡ଼ିଶାରେ ରହୁଥିବା ଉଚ୍ଚଶିକ୍ଷିତ ଓ ସମ୍ପନ୍ନ ପରିବାରର ଭଦ୍ର, ଶାନ୍ତ, ସରଳ ପଡ଼ୋଶୀ । ନଚେତ୍ ଅଫିସ୍‌ରେ କାମ କରୁଥିବା ଜଣେ ମିଷ୍ଟଭାଷୀ, ମେଳାପି ସ୍ୱଭାବର ଓ ସମସ୍ତଙ୍କୁ ସାହାଯ୍ୟ କରୁଥିବା କର୍ମଚାରୀ। ହେଲେ ଯେବେ ହଠାତ୍ କୌଣସି ଆତଙ୍କବାଦୀ ଘଟଣା ଘଟେ ଓ ଜଣାପଡେ ଆମେ ଜାଣିଥିବା ସେଇ ଭଦ୍ର ବ୍ୟକ୍ତି ହିଁ ମୁଖ୍ୟ ଅଭିଯୁକ୍ତ, ପାଦ ତଳୁ ମାଟି ଖସିଗଲାଭଳି ଲାଗେ। ଏହି ଆତଙ୍କବାଦକୁ ହିଁ ଏବେ କୁହାଯାଉଛି 'ହ୍ୱାଇଟ୍ କଲାର ଟେରରିଜମ୍'...

ଅଶିକ୍ଷିତ, ହତାଶ, ବେରୋଜଗାର ଯୁବକ ସାଧାରଣତଃ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ହୁଅନ୍ତି ବୋଲି ସାଧାରଣରେ ଧାରଣା ରହିଛି । ହେଲେ ଦିଲ୍ଲୀ, ଲାଲକିଲ୍ଲା ନିକଟରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏହି ଧାରଣାକୁ ଭୁଲ ପ୍ରମାଣିତ କରିଦେଇଛି । ପାଞ୍ଚଜଣ ଡାକ୍ତର ଏହି ବିସ୍ଫୋରଣରେ ସମ୍ପୃକ୍ତ ଅଛନ୍ତି ବୋଲି ଜଣାପଡ଼ିଛି । ଏମାନେ ଉଚ୍ଚଶିକ୍ଷିତ ହେବାସହ ଭଲ ପରିବାରର ବି । ତଥାପି ଆତଙ୍କବାଦ ଭଳି ଘୃଣ୍ୟ କାର୍ଯ୍ୟରେ ଲିପ୍ତ ହେଲେ । ଏଭଳି ଆତଙ୍କବାଦକୁ ହିଁ ଏବେ 'ହ୍ୱାଇଟ୍ କଲାର ଟେରରିଜମ୍' କୁହାଯାଉଛି । ତେବେ କେବଳ ଏଇ ଗୋଟିଏ ଘଟଣା ନୁହେଁ, ପୂର୍ବେ ଘଟିଥିବା ଅନେକ ଆତଙ୍କବାଦୀ ଆକ୍ରମଣରେ ବି ଉଚ୍ଚଶିକ୍ଷିତ ଓ ସମ୍ପନ୍ନ ପରିବାରର ଯୁବକ ସାମିଲ ହୋଇଥିଲେ । ସେମାନଙ୍କର ଆର୍ଥିକ ସ୍ଥିତି ଖରାପ ନ ଥିଲା କି ସେମାନେ ଅଶିକ୍ଷିତ, ହତାଶ ଯୁବପିଢି ନ ଥିଲେ । ତଥାପି ତାଙ୍କ ମନରେ ଆତଙ୍କବାଦୀ ଭାବ ଘର କରିଥିଲା । କେବେ ପ୍ଲେନ୍ ହାଇଜାକ୍ ତ କେବେ ବିଭିନ୍ନ ସ୍ଥାନରେ ବିସ୍ଫୋରଣ କରି ଶହ ଶହ ଜୀବନ ନେଇଥିଲେ । ତେଣୁ ଏବେ କୁହାଯାଉଥିବା 'ହ୍ୱାଇଟ୍ କଲାର ଟେରରିଜମ୍' ଆଦୌ ନୂଆ ନୁହେଁ ବରଂ ବହୁ ପୂର୍ବର । ସେମିତି କେତୋଟି ଘଟଣା ସମ୍ପର୍କରେ..

* ୧୯୯୪ ମସିହା । ଭାରତରେ ହୋଇଥିବା ବିଦେଶୀ ପର୍ଯ୍ୟଟକଙ୍କ ଅପହରଣ ମାମଲାରେ ଗିରଫ କରାଯାଇଥିବା ବ୍ରିଟିଶ ପାକିସ୍ତାନୀ ଆତଙ୍କବାଦୀ ଅହମଦ ଉମର ସୟିଦ ଶେଖ୍, ଯେକି ଉମର୍ ଶେଖ୍ ଭାବେ ପରିଚିତ ସେ ଥିଲେ ଉଚ୍ଚ ଶିକ୍ଷିତ । ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରେ ସେ ପଢିଥିଲେ । ଗଣିତ ଜ୍ଞାନ ତାଙ୍କର ବହୁତ ଭଲ ଥିଲା । ହେଲେ ୧୯୯୦ରେ ସେ ଇସ୍‌ଲାମି ଜିହାଦୀ ସଂଗଠନ ହରକତ୍‌-ଉଲ- ଅନସାର୍ ବା ହରକତ୍-ଉଲ-ମୁଜାହିଦିନର ସଦସ୍ୟ ହୋଇଥିଲେ । ପରେ ଜୈଶ-ଏ-ମହମ୍ମଦର ସଦସ୍ୟ ହେଲେ । ଆଉ ଅଲ-କାଏଦା ସହ ବି ସେ ଖୁବ୍ ନିକଟତର ଥିଲେ ।

*୯/୧୧ ଆତଙ୍କବାଦୀ ଆକ୍ରମଣ ଘଟଣାର ରିଂ ଲିଡର ମହମ୍ମଦ ଅତ୍ତା, ଇଜିପ୍ଟର ଇଞ୍ଜିନିୟର ଥିଲେ । ସେ କାଇରୋ ବିଶ୍ୱବିଦ୍ୟାଳୟରେ ଆର୍କିଟେକ୍ଚରାଲ ଇଞ୍ଜିନିୟରିଂ କରିଥିଲେ । ଏହାପରେ ହାମବର୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିରେ ଆପ୍ଲାଏଡ ସାଇନ୍ସେସ୍ ଅନ୍ତର୍ଭୁକ୍ତ ଅର୍ବାନ ପ୍ଲାନିଂରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ । ପରେ ସେ ଇଞ୍ଜିନିୟର୍ସ ସିଣ୍ଡିକେଟ୍‌ରେ ସାମିଲ ହୋଇଥିଲେ । ଆଉ କାଇରୋର ସହରୀ ବିକାଶ କେନ୍ଦ୍ରରେ କାମ କରିଥିଲେ । ତା'ସହ ସେ ପାଇଲଟ୍ ଟ୍ରେନିଂ ବି ନେଇଥିଲେ ।

ସେହିଭଳି ଏହି ଘଟଣାରେ ସାମିଲ ଥିବା ଆତଙ୍କବାଦୀ ଜିୟାଦ ଜରାହ ଜଣେ ଲେବାନିଜ ଏରୋସ୍ପେସ୍ ଇଞ୍ଜିନିୟର ଥିଲେ । ସେ ଜର୍ମାନୀର ହାମବର୍ଗରେ ଆପ୍ଲାଏଡ ସାଇନ୍ସେସ୍ ଅନ୍ତର୍ଭୁକ୍ତ ଏରୋସ୍ପେସ ଇଞ୍ଜିନିୟରିଂ କରିଥିଲେ ଓ ସେ ଏକ ଧନିକ ପରିବାରର ଥିଲେ ।

୯/୧୧ ଆତଙ୍କବାଦୀ ଘଟଣାରେ ପ୍ଲେନ୍‌କୁ ୱାର୍ଲଡ ଟ୍ରେଡ୍ ସେଣ୍ଟରର ଦକ୍ଷିଣ ଟାୱାରରେ କ୍ରାସ୍ କରାଇଥିବା ମାରୱାନ ଅଲ ଶେହି ବି ଥିଲେ ଉଚ୍ଚ ଶିକ୍ଷିତ । ସେ ପ୍ରଥମେ ୟୁଏଇରେ ଆପ୍ଲାଏଡ ସାଇନ୍ସେସ୍‌ରେ ପଢିଥିଲେ । ପରେ ଜର୍ମାନୀ ଯାଇ ୟୁନିଭର୍ସିଟି ଅଫ୍ ହାମବର୍ଗରେ ଆପ୍ଲାଏଡ ସାଇନ୍ସେସ୍‌ରେ ସ୍ନାତକୋତ୍ତର କରିଥିଲେ । ଏହିଠାରେ ହିଁ ତାଙ୍କର ଭେଟ ହୋଇଥିଲା ମହମ୍ମଦ ଅତ୍ତା ଓ ଜିୟାଦ ଜରାହଙ୍କ ସହ । ସେମାନେ ବି ସେଠି ଆପ୍ଲାଏଡ ସାଇନ୍ସେସ୍ ଆଣ୍ଡ ଇଞ୍ଜିନିୟରିଂ କରୁଥିଲେ । ସମସ୍ତେ ମିଶି ହାମବର୍ଗ ସେଲ୍ ଗଠନ କରିଥିଲେ । ଆଉ ୯/୧୧ର ଯୋଜନା କରିଥିଲେ ।

ଏହାବାଦ୍ କେତେଜଣ ଆତଙ୍କବାଦୀ ସଂଗଠନର ଆକ୍କା ବା ମୁଖ୍ୟ ବି ବେଶ୍ ଉଚ୍ଚଶିକ୍ଷିତ । ଯେମିତି କି ଜୈଶ-ଏ -ମହମ୍ମଦର ପ୍ରତିଷ୍ଠାତା ତଥା ଏହି ସଂଗଠନର ବର୍ତ୍ତମାନର ମୁଖ୍ୟ ମହମ୍ମଦ ମସୁଦ ଅଜହର ବି ପ୍ରଥମେ ଜଣେ ଶିକ୍ଷକ ଥିଲେ ।

ଆତଙ୍କବାଦୀ ସଂଗଠନ ଅଲ-କାଏଦାକୁ ପ୍ରତିଷ୍ଠା କରିଥିବା ଓସାମା ବିନ୍ ଲାଡେନ୍‌ଙ୍କ ବାପା ଜଣେ ବିଲିୟନେୟର ଥିଲେ । ଆଉ ଲାଡେନ୍ କିଙ୍ଗ୍ ଅବଦୁଲ ଅଜିଜ ବିଶ୍ୱବିଦ୍ୟାଳୟରେ ଇକୋନୋମିକ୍ସ ଓ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ୍‌ରେ ପଢିଥିଲେ । କିଛି ରିପୋର୍ଟ କହେ ସେ ସିଭିଲ ଇଞ୍ଜିନିୟରିଂ ଅବା ପବ୍ଲିକ ଆଡ୍‌ମିନିଷ୍ଟ୍ରେଶନ୍‌ରେ ଡିଗ୍ରୀ ହାସଲ କରିଥିଲେ ।

ସେମିତି ଲସ୍କର-ଏ- ତୋଇବାର କୋ ଫାଉଣ୍ଡର ହାଫିଜ୍ ସଇଦ ୟୁନିଭର୍ସିଟି ଅଫ୍ ପଞ୍ଜାବରୁ ଦୁଇଟି ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ।


ଏହି ଉଚ୍ଚଶିକ୍ଷିତ ଓ ସମ୍ପନ୍ନ ପରିବାରର ଆତଙ୍କବାଦୀମାନେ ହିଁ ପ୍ରମାଣ କରୁଛନ୍ତି ଯେ ଆର୍ଥିକ ଅଭାବ କି ଅଶିକ୍ଷିତତା ସବୁବେଳେ ଆତଙ୍କବାଦୀ ଗଢିବାର ମୁଖ୍ୟ କାରଣ ନୁହେଁ । ଏହା କେବଳ କୁତ୍ସିତ ମାନସିକତାରୁ ଉତ୍ପନ୍ନ ।

–ଶିବାନୀ





# ବିଜ୍ଞାନ ଓ ସାହିତ୍ୟ ତରୁର ଛାଇ: କାର୍ତ୍ତିକ ସ୍ୱାଇଁ





**ସେ** ଜଣେ ବୈଜ୍ଞାନିକ, କିନ୍ତୁ ବାସ୍ତବବାଦୀଙ୍କ କଠୋରତା ନ ଥାଏ ତାଙ୍କ ବ୍ୟକ୍ତିତ୍ୱରେ । ସେ ଜଣେ ସାହିତ୍ୟିକ ଅଥଚ ଭସେଇ ନିଅନ୍ତି ନାହିଁ ନିଜର ବିଚାରକୁ ଅକାରଣ ଭାବପ୍ରବଣତାରେ । ପୃଥିବୀ ଯେ ବିଶ୍ୱ ନୁହେଁ, ବିଶ୍ୱବ୍ରହ୍ମାଣ୍ଡ ଯେ ଆକାଶ ନୁହେଁ, ଆକାଶ ବି ମହାକାଶ ନୁହେଁ ଭଳି ରହସ୍ୟକୁ ଉନ୍ମୋଚିତ କରୁଥିବା ଏହି ବୈଜ୍ଞାନିକ ଜଣକ ଭାରତୀୟ ମହାକାଶ ଗବେଷଣା ସଂଗଠନରେ ଦୀର୍ଘକାଳ ଅନ୍ତରୀକ୍ଷ ବିଜ୍ଞାନୀ ଭାବରେ କୃତିତ୍ୱର ସହ କାର୍ଯ୍ୟ କରି ଅବସର ନେବା ପରେ ସାରସ୍ୱତ ସାଧନାରେ ବ୍ରତୀ ଅଛନ୍ତି । ଚନ୍ଦ୍ରାୟନ-୧, ଚନ୍ଦ୍ରାୟନ-୨ ପ୍ରକଳ୍ପ ସହ ସମ୍ପୃକ୍ତ ଏହି ବ୍ୟକ୍ତିଙ୍କ କୃତିତ୍ୱ ସାରସ୍ୱତ କ୍ଷେତ୍ରରେ ମଧ୍ୟ ବିଚ୍ଛୁରିତ । କିଶୋର ହୃଦୟର ଆବେଗକୁ ଛୁଇଁ ବିଜ୍ଞାନର ଜଟିଳ ତତ୍ତ୍ୱକୁ ସରଳ ଓ ସାବଲୀଳ ଭାବରେ ବଖାଣି ପାରୁଥିବା ବୈଜ୍ଞାନିକ କଥାକାର ସେ । ଇସ୍ରୋରେ କାମ କରିବା ଭିତରେ ବିଜ୍ଞାନ ଓ ସାହିତ୍ୟକୁ ନୂଆ ଦିଶା ଦେଖାଇଥିବା ଅନନ୍ୟ କଥାକାର ସେ । କେବେ ଉପନ୍ୟାସରେ ତ କେବେ କବିତା, ଅନୁବାଦ ଓ ପ୍ରବନ୍ଧରେ ନିଜର ସ୍ୱତନ୍ତ୍ରତା ରଖିଥିବା ଆମର ଏହି ସାହିତ୍ୟିକ, ବୈଜ୍ଞାନିକ ଜଣକ ହେଉଛନ୍ତି **ଡକ୍ଟର କାର୍ତ୍ତିକ ସ୍ୱାଇଁ** । ୧୬ ଜୁନ୍ ୧୯୫୯ରେ ଜନ୍ମ କାର୍ତ୍ତିକଙ୍କ ପିତା ଦରି ସ୍ୱାଇଁ, ମାତା ସଜନୀ ସ୍ୱାଇଁ । ଅବିଭାଜିତ କଟକ ଜିଲାର ନୟା ସଙ୍ଗଡା ଗ୍ରାମରେ ଜନ୍ମ କାର୍ତ୍ତିକ ପଦାର୍ଥ ବିଜ୍ଞାନର ଛାତ୍ର ଭାବରେ ପଢିଥିଲେ ରେଭେନ୍‌ଶା କଲେଜରେ । ପରେ ଇଲେକ୍ଟ୍ରୋନିକ୍ସରେ ଏଏମ୍‌ଆଇଇ କରିଛନ୍ତି । ୧୯୮୫ରେ ଇସ୍ରୋ ଉପଗ୍ରହ କେନ୍ଦ୍ରରେ ବୃତ୍ତିଗତ ଜୀବନ ଆରମ୍ଭ କରି ୨୦୧୯ ପର୍ଯ୍ୟନ୍ତ ବିଭିନ୍ନ ଉପଗ୍ରହ ପ୍ରଣାଳୀ ଲାଗି ଗବେଷଣା ଓ ପରୀକ୍ଷଣରେ ନିୟୋଜିତ ହୋଇଛନ୍ତି । ବିଶେଷଜ୍ଞ ଭାବରେ ମହାକାଶ ପରିବେଶ ଓ ଉପଗ୍ରହ ବସ୍ତୁ ଭାବରେ ଏହାର ପ୍ରଭାବ ଓ ସୁରକ୍ଷା, ଉପଗ୍ରହ ପ୍ରେରଣର ପ୍ରଣାଳୀ ଓ ସେହି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ଗୁଣବତ୍ତା ପରୀକ୍ଷଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି । କେବଳ ସେତିକି ନୁହେଁ ଇସ୍ରୋ ଉପଗ୍ରହ କେନ୍ଦ୍ର, ବେଙ୍ଗାଲୁରୁରେ ଆଇଏସ୍‌ଓ ପ୍ରୋଗ୍ରାମର ମ୍ୟାନେଜର ଭାବରେ କାମ କରିଛନ୍ତି ସେ । ଓଡ଼ିଆ ଭାଷା ସାହିତ୍ୟ ପାଇଁ ପ୍ରଚ୍ଛନ୍ନ ଅନୁରାଗ ଥିବା କାରଣରୁ ୨୦୨୧ରେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରରୁ । ନିଜ ପ୍ରଚାର ଓ ପ୍ରସାର ପାଇଁ ସଦା ଉଦାସୀନ ଥିବା କାର୍ତ୍ତିକ କିନ୍ତୁ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଲିଖିତ କଥା ଓଡ଼ିଶା, ଭାରତ ଡେଇଁ ପୃଥିବୀର କଥା କହେ । ସଂକୀର୍ଣ୍ଣତା ଆମ ଜୀବନର ସଂଜ୍ଞା ନୁହେଁ, ଅନ୍ୟକୁ କୋଳେଇ ନେବାରେ ଥାଏ ମଣିଷପଣିଆ ଏଇ ଭାବଟି ହିଁ ପ୍ରସ୍ଫୁଟିତ ହେଉଥାଏ ତାଙ୍କ ଲେଖା ଓ ଆଚରଣରେ । ତାଙ୍କୁ ପଢିଲେ ଲାଗେ ଉପନିଷଦୀୟ ଚିନ୍ତା ଓ ଚେତନାରେ ଅନୁପ୍ରାଣିତ ତାଙ୍କ ହାତର କଲମ । ଛୋଟ ଛୋଟ ଘଟଣାରୁ ଗୋଟେ ଗୋଟେ ବିରାଟ ସମ୍ଭାବନାର ଉତ୍ସକୁ ସେ ଅତି ସାଧାରଣ ଭାବରେ ପ୍ରକଟ କରିପାରନ୍ତି ଶବ୍ଦରେ । ତାଙ୍କର ଗଳ୍ପ ଉପନ୍ୟାସରେ ଚରିତ୍ରଗୁଡିକ ସାଦାସିଧା ଅଥଚ ଜୀବନର ଗତାନୁଗତିକତାର ମୋଡ଼ ବଦଳେଇବାର ସାମର୍ଥ୍ୟ ରଖିଥାନ୍ତି । ତାଙ୍କ ବର୍ଣ୍ଣନାଶୈଳୀ ଓ ଘଟଣା ପ୍ରବାହ ପାଠକ ହୃଦୟରେ ପୁଲକ ଓ ବିସ୍ମୟ ଭରେ । ସାଂସ୍କୃତିକ ସଚେତନତା ତିଆରି କରେ । ବ୍ୟକ୍ତିଗତ ଜୀବନରେ ଭେଟିଥିବା ଅନେକ ଚରିତ୍ର ଓ ଘଟଣାକୁ ସେ ଏମିତି କାହାଣୀର ପୁଟ ଦିଅନ୍ତି ଯାହା ଯେକୌଣସି ବର୍ଗର ପାଠକଙ୍କ ହୃଦୟରେ ଆଲୋଡନ ସୃଷ୍ଟି କରିପାରେ ।


ମହାକାଶ ବିଜ୍ଞାନ ଉପରେ ଗବେଷଣାରତ କାର୍ତ୍ତିକ ସ୍ୱାଇଁ ନିଜ ଶିକ୍ଷକସୁଲଭ ଦକ୍ଷତା ପାଇଁ ମଧ୍ୟ ପ୍ରଶଂସା ଅର୍ଜନ କରିଛନ୍ତି । ଶିକ୍ଷକତା ପ୍ରତି ଆଗ୍ରହ କେମିତି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କୁହନ୍ତି, 'ସ୍କୁଲରେ ପଢୁଥିଲାବେଳେ ସାଙ୍ଗସାଥିଙ୍କୁ ପଢ଼ାଉଥିଲି, ଯାହା ମହାବିଦ୍ୟାଳୟ ସ୍ତରରେ ବି ଜାରି ରହିଥିଲା । ଘରୋଇ ଶିକ୍ଷକ ହୋଇ ଆତ୍ମନିର୍ଭରଶୀଳ ହେବାକୁ ଶିକ୍ଷକତା ଯେତିକି ସହଯୋଗ କରିଥିଲା ସେତିକି ଦାୟିତ୍ୱସମ୍ପନ୍ନ କରିଥିଲା ବିଜ୍ଞାନ ଗବେଷଣାରେ । ନିଃସନ୍ଦେହରେ ବିଜ୍ଞାନ ଥିଲା ବୃତ୍ତି, କିନ୍ତୁ ସାହିତ୍ୟ ଓ ଶିକ୍ଷକତା ମୋର ପ୍ରବୃତ୍ତି ଯହିଁରୁ ମୁଁ ଅବସର ନେଇନି କି ନେଇପାରିବିନି ।' ଦୁଇହଜାର ଏଗାର ମସିହାରୁ ପ୍ରତ୍ୟହ ଦେଢ଼ ଘଣ୍ଟା ଲେଖାଲେଖି ପାଇଁ ସମୟ ଦେଇଥାନ୍ତି ଏହି ଲୋକପ୍ରିୟ କଥାକାର । ଗୀତ ଶୁଣୁ ଶୁଣୁ ଲେଖିବାର ଆଗ୍ରହ ନେଇ ଷଷ୍ଠ ଶ୍ରେଣୀରେ ହିଁ ସେ ଲେଖିଥିଲେ ତାଙ୍କ ପ୍ରଥମ ଜଗନ୍ନାଥ ଜଣାଣ । ପରେ ରେଭେନ୍‌ଶା କଲିଜିଏଟ ସ୍କୁଲରେ ପଢୁଥିଲା ବେଳେ ସ୍କୁଲରୁ ବାହାରୁଥିବା ହାତଲେଖା ପତ୍ରିକାରେ ନିଜ ପାଇଁ ଲେଖା ଲେଖିବା ସହ ସାଙ୍ଗସାଥୀଙ୍କ ପାଇଁ ଲେଖିଦେଉଥିଲେ । ସେହି ସମୟରୁ ତାଙ୍କ ପାଇଁ ଲେଖକ ବିଶେଷଣ ଯୋଡି ହୋଇଯାଇଥିଲା । ବ୍ୟସ୍ତବହୁଳ ବୈଜ୍ଞାନିକ ଜୀବନରେ ବି ପଚିଶଟି ଗଳ୍ପ ସଂକଳନ, ଆଠଟି କବିତା ସଂକଳନ, ଚଉଦଟି ଶିଶୁ ବିଜ୍ଞାନ ରଚନା, ଆଠଟି ଉପନ୍ୟାସ, ମଙ୍ଗଳ କକ୍ଷିତ ଯାନ(ଅନୁବାଦ), ଆଧ୍ୟାତ୍ମିକ ଭଜନମାଳା ରଚନା କରି ସେ ଜଣେଇ ଦେଇଛନ୍ତି ଇଚ୍ଛାଶକ୍ତି ଥିଲେ ବିସ୍ମୟ ଲାଗୁଥିବା କାମଟି ଅଚିରେ ସମ୍ପନ୍ନ କରିହେବ । କେବଳ ଗଳ୍ପରେ ସ୍ନେହ, ସଦାଚାର, ଦେଶପ୍ରେମ, ମଣିଷ ପଣିଆର କଥା କୁହନ୍ତି ନାହିଁ, ବ୍ୟକ୍ତିଗତ ଜୀବନରେ ଶୃଙ୍ଖଳା, ସଚ୍ଚୋଟତା, ସ୍ନେହ, ପରୋପକାରୀ ଗୁଣ ଓ ନମ୍ରତା ପାଇଁ ସେ ଅନେକଙ୍କର ଆଦର୍ଶ ଓ ପ୍ରେରଣା ମଧ୍ୟ । ଉଭୟ ବିଜ୍ଞାନ ଓ ସାହିତ୍ୟରେ ନୂଆ ଦିଶା ଦେଖେଇଥିବା କାର୍ତ୍ତିକଙ୍କୁ ମିଳିଛି ଅଜସ୍ର ପ୍ରଶଂସା ଓ ସମ୍ମାନ । ଇସ୍ରୋ ଉପଗ୍ରହ କେନ୍ଦ୍ରରୁ ଉତ୍କୃଷ୍ଟ ସେବା ସମ୍ମାନ, ବିଜ୍ଞାନ ସାହିତ୍ୟ ଲାଗି ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ପୁରସ୍କାର, ନାରାୟଣ ପ୍ରସାଦ ସାହିତ୍ୟ ସମ୍ମାନ, ସୁଲେଖା ସାହିତ୍ୟ ସମ୍ମାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପାଇଁ ଭୁବନେଶ୍ୱର ପୁସ୍ତକମେଳା ସମ୍ମାନ, କଥାକଳିକା ଗଳ୍ପ ପୁରସ୍କାର, ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ପ୍ରଦତ୍ତ ପ୍ରାଣକୃଷ୍ଣ ପରିଜା ଲୋକପ୍ରିୟ ବିଜ୍ଞାନ ବହି ସମ୍ମାନ, ଉତ୍କଳ ସାରସ୍ୱତ ସମ୍ମାନ, ରବି ରାୟ ଉତ୍କର୍ଷ ସମ୍ମାନ, ଇସ୍ରୋ ଉପଗ୍ରହ କେନ୍ଦ୍ର,ବେଙ୍ଗାଲୁରୁର ମହାକାଶ ଅଧିକାରୀ ଅନୁଷ୍ଠାନ ତରଫରୁ ଇସ୍ରୋ ଏକ୍ସିଲେନ୍ସି ଓ ଜାଗାରା ଏକ୍ସିଲେନ୍ସି ସମ୍ମାନ ସେଥିମଧ୍ୟରୁ ଅନ୍ୟତମ ।

ବିଜ୍ଞାନ କେବଳ ତାଙ୍କର ପେସା ନୁହେଁ ଅନୁରାଗର ବିଷୟ ବି । ବିଜ୍ଞାନକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବାର ଇଚ୍ଛା ତାଙ୍କର ଏକ ପ୍ରମୁଖ ଚାଳିକା ଶକ୍ତି ।

*–**ମାନମୟୀ ରଥ,** ସେଣ୍ଟ ଜାଭିୟର୍ସ କିଣ୍ଡ୍ସ, ବାଲିପୁଟ, ପୁରୀ, ମୋ: ୭୯୭୮୫୭୯୩୯୯*







# ଉଷ୍ମତା

– ସୁଚିତ୍ରା ମିଶ୍ର

ଅଗଣାରେ ବିଛେଇ ହୋଇପଡ଼ିଥିବା ଖରାରେ ଗୋଡ଼ ଲମ୍ବାଇ ବସି ଜେଜେମା' ଆମକୁ ଶୁଣାଉଥିଲେ ଶୀତର ଗୀତ। ଜେଜେମା'ଙ୍କ ପାଖରେ ଗେଞ୍ଜିହୋଇ ଆମେ ଦି'ଭାଇ ଭଉଣୀ ଗୀତ ଶୁଣୁଥିଲୁ ଓ ଗେହ୍ଲା ହେଉଥିଲୁ। ସେ କାହିଁ କେତେ ଯୁଗର କଥା ହେଲାଣି। ଏବେ ମୁଁ ବଡ଼ ହୋଇଗଲିଣି। ପାଠପଢ଼ା ସାରି ଅଧ୍ୟାପନା କଲିଣି। ଭଉଣୀ ରୀତା ତା' ବୈଜ୍ଞାନିକ ସ୍ୱାମୀ ସହ ଆମେରିକାରେ ରହୁଛି।

ବାପାବୋଉ ଓ ମୋ ପରିବାର ଏକାଠି ରହୁଛୁ ଫ୍ଲାଟ୍‌ରେ। ବାପାଙ୍କର ପୈତୃକ ଘର ନେଇ ବିଲ୍ଡର ଆମକୁ ଫ୍ଲାଟ ଦେଇଛି। ବାପାବୋଉଙ୍କୁ ଘର ବିକିବାକୁ ମୋଠାରୁ ବେଶି ପ୍ରଭାବିତ କରିଥିଲା ରୀତା। ତନିମା ବି ରୀତାର ପକ୍ଷ ନେଇଥିଲା। ସମସ୍ତ କୁଣ୍ଠା ମନ ଭିତରେ ଚାପିନେଇ ବାପା ଶେଷରେ ଘର ବିଲ୍ଡରକୁ ଦେବାକୁ ରାଜି ହୋଇଥିଲେ। ଏ ଫ୍ଲାଟ୍‌ ସବୁ ତିଆରି ହେବା ପୂର୍ବରୁ ଯେତେବେଳେ ଆମଘର ଭଙ୍ଗା ହେଉଥିଲା ସେତେବେଳେ ମୁଁ ଦେଖିପାରିଛି ବାପାଙ୍କ ଯନ୍ତ୍ରଣା। ଆମେ ଭଡ଼ାନେଇ ରହିଥିବା ଅସ୍ଥାୟୀ ଫ୍ଲାଟ ଘରୁ ସମସ୍ତଙ୍କର ବାରଣ ସତ୍ତ୍ୱେ ଅନେକଥର ବାପା ଚାଲି ଆସୁଥିଲେ ଏଠିକୁ। ଲୁହ ଟଳମଳ ଆଖିରେ ରାତି ଖାଇବା ସମୟରେ କହୁଥିଲେ ''ଆଜି ସେମାନେ ରୋଷେଇଘରପଟ ଭାଙ୍ଗୁଥିଲେ। ମୋରି ଆଗରେ ଭାଙ୍ଗି ଦେଲେ ବୋଉର ହବିଷ ରନ୍ଧା ଚୁଲି।'' ପାଟିର ଖାଦ୍ୟ ଗୁଣ୍ଡାକ ପାଣି ଢୋକେ ପିଇନେଇ ତଣ୍ଟି ଭିତରକୁ ଠେଲି ଦେଉଥିଲାବେଳେ ତାଙ୍କ ଆଖିରୁ ଝରିବ ଝରିବ ହେଉଥିବା ଲୁହ ଦି' ଟୋପାକୁ ବି ଶୋଷିନେଉଥିଲେ ବାପା।

''କାର୍ତ୍ତିକ ମାସରେ ସେ ଉଠାଚୁଲିରେ ବୋଉଙ୍କର ହବିଷ ରୋଷେଇ ହୁଏ। ଶେଷଯାଏ ବୋଉ ନିଜେ ହିଁ ରୋଷେଇ କରୁଥିଲେ। କାର୍ତ୍ତିକ ମାସ ଆରମ୍ଭରୁ ଶୀତ ପଡିଯାଉଥିଲା ସେତେବେଳେ। ସେଇ ଜାଡ଼ ଶୀତରେ ବୋଉ ସକାଳୁ ଗାଧୋଇ ନିଜେ ତୁଳସୀ ମୂଳେ ମୁରୁଜ ଦେବେ ଓ ହବିଷ ରାନ୍ଧିବେ ।'' ବାପାଙ୍କ ସହ ବୋଉ ବି ଦୁଃଖୀଦୁଃଖୀ ଲାଗୁଥିଲା ଏସବୁ କହିବା ସମୟରେ। ''ଆଉ ସେ ଥୁରୁଥୁରୁ ଶୀତରେ ଦାନ୍ତକୁ ଦାନ୍ତ ବାଜୁଥିବାବେଳେ ଜେଜେମା'ଙ୍କର ପିଠିକୁ ଆଉଜି ଖରା ପୋଉଁଥିଲୁ ଆମେ।'' ମୁଁ ପରିବେଶକୁ ସହଜ କରିବା ପାଇଁ କଥା ଯୋଡୁଥିଲି।

''ପାପା , ଖରା ପୋଉଁଥିଲ ମାନେ ? ଖରା କେମିତି ପୁଅନ୍ତି ?'' ମୋ ଝିଅ କାଜଲ ସ୍କୁଲବ୍ୟାଗକୁ ନିଜପିଠି ଉପରେ ଲଦିଦେଇ କହିଲା ଓ ତରତର ହୋଇ ତା' ମାମାର ହାତଧରି ସ୍କୁଲ ବସ୍ ଧରିବାକୁ ଆଗେଇଗଲା । ତା' ମାମା ସେତେବେଳକୁ ଲିଫ୍ଟ ଡାକି ସାରିଥିଲା। ପାଞ୍ଚ ମହଲାରେ ଥିବା ଆମ ଫ୍ଲାଟ ଘରୁ ମା' ଝିଅ ଦୁହେଁ ହାତ ଧରାଧରିହୋଇ ଓହ୍ଲେଇ ଯାଇଥିଲେ ତଳକୁ। ବାପା ଟିକେ ହସିଦେଇ କହିଲେ, ''ଏ ଫ୍ଲାଟ ଘରେ ଖରା କାଇଁ ଯେ ତୁ ଖରା କେମିତି ପୁଅନ୍ତି ଜାଣିବୁ।''

ଜେଜେମା' ଅଗଣାରେ ସେଇ ଖରାରେ ଆମ ଦି'ଭାଇ ଭଉଣୀଙ୍କୁ ତେଲ ଘଷିଦେଇ କଲୁରୀବେଣ୍ଟ ଗପ କହୁଥିବାର ସେ ଅପୂର୍ବ ମୁହୂର୍ତ୍ତ ନାଚିଯାଉଥିଲା ମୋ ଆଖି ଆଗରେ। ଏବେ ଶୀତ କମ୍ ହେଉଛି ନା ଶୀତକୁ ଆମେ ଉପଭୋଗ କରିପାରୁନୁ କେଜାଣି ? ଉପଭୋଗ କରିବାକୁ ହାତପାଆନ୍ତାରେ ଏତେ ବିକଳ୍ପ ଯେ ଖରା ବର୍ଷା ଶୀତକୁ ଅନୁଭବ କରିବାକୁ ଆମ ପାଖରେ ସମୟ କାଇଁ ? ତା'ଛଡା କଂକ୍ରିଟ ଜଙ୍ଗଲ ଭିତରେ ଦୃଶ୍ୟମାନ ଚେନାଏ ଆକାଶ। ସେଠି ଭସାମେଘକୁ ବା ସେ ମେଘଖଣ୍ଡ ଦେହରେ ଗାର କାଟିଦେଇ ଝଲସି ଯାଉଥିବା ବିଜୁଳିରାଣୀକୁ ଦେଖିହୁଏନା। କେବଳ ଶୁଣାଯାଏ ଛାତିଥରା ଘଡ଼ଘଡ଼ିର ସ୍ୱର। ଶୀତତାପ ନିୟନ୍ତ୍ରିତ ଘର ଭିତରୁ ଗ୍ରୀଷ୍ମକୁ ଭେଟି ହୁଏନି। ସବୁକିଛି ସୁନିୟନ୍ତ୍ରିତ । ପ୍ରକୃତି ଏବେ ମଣିଷ ଇଚ୍ଛାର ଦାସ। ଏ ଭିତରେ ଆମର ବି ଅଭ୍ୟାସରେ ପଡ଼ିଗଲାଣି ଏସବୁ।

''କାଲି ରବିବାର,ସ୍କୁଲ ଛୁଟି। ନାତୁଣୀକୁ ନେଇ ପାର୍କ ଆଡ଼େ ଯିବା ତ। ଶୀତ ସକାଳର ଖରାରେ ଘେରାଏ ବୁଲି ଆସିବା'' ବାପା କହିଲେ। କହିବାକୁ ଯାଉଥିଲି, 'କେତେ ସକାଳୁ ? ରବିବାରଟା। ଟିକେ ଡେରିରେ ଉଠେ ତନୁ।' ଚାପିନେଲି କଥାତକ ନିଜ ଭିତରେ। ''ଖରା ପୋଇଁବା ସମସ୍ତେ ଏକାଠି। ବୋଉ ତୁ କଲୁରୀବେଣ୍ଟ ଗପ ଶୁଣେଇବୁ।'' କାଚ ଝରକା ଆରପଟେ ଆଖପାଖ ବହୁତଳ ବିଶିଷ୍ଟ ଅଟ୍ଟାଳିକାରେ ଧକ୍କା ଖାଇ ଏଠିସେଠି ଛିଟିକି ପଡିଥିବା ଶୀତସକାଳର ଖରାରୁ ଧାରଟିଏ ଉଷ୍ମତା ଟାଣି ନେଉନେଉ କହି ପକେଇଲି ମୁଁ।

–ଭୁବନେଶ୍ୱର
ମୋ: ୯୯୩୦୮୨୭୪୪୮



# ଛବି

– ଲତିକା ମହାପାତ୍ର

ଆଙ୍କିଦେଲା ପାଦଚିହ୍ନ ସମୟ
ସମ୍ପର୍କର କମନୀୟ କୋମଳତାରେ
ଆଃ
ଭାରି କଷ୍ଟ ସହିଯିବା
ସମୟର ଏ ନିର୍ଦ୍ଦୟ ସନ୍ତ୍ରାସ
ମହମ ରେ ଗଢ଼ା ଏଇ ମନ ଓ ହୃଦୟ
ତରଳି ଯାଏ ବାରମ୍ବାର
ସହି ହୁଏନା ଏ ଅଦଉତି
ମାନିନେଇ ହୁଏନା
ପରିବର୍ତ୍ତନର ପ୍ରହାର
କହିବାକୁ କଷ୍ଟ
ଭାଙ୍ଗି ରୁଜି ଗଲାଣି କେତେ କଣ
ତଥାପି ଏ ନିଲଠା ଜୀବନ
ଲୋଟି ପଡି ଭୂଇଁପରେ
ଜାରି ରଖିଛି ତାର ସଂଘର୍ଷ
ସାଉଁଟି ଧରି ଆପଣା ଅସ୍ତିତ୍ୱ
କୋମଳ ବିହ୍ୱଳ ସେଇ ମୁହୂର୍ତ୍ତମାନଙ୍କ
ସ୍ମୃତିକୁ ଜାବୁଡି ଆପଣା ବୁକୁରେ
ଆଗକୁ ପାଦ ବଢ଼େଇବାର ହିମ୍ମତ ରଖୁଛି
ସ୍ୱପ୍ନ ସ୍ମୃତି ଆବେଗର ଲୁଚକାଳି ଖେଳରେ
ହସିଉଠୁଚି ଜୀବନ
ରୂପେଲି ଜହ୍ନ ଆଲୁଅ ରେ ଗୋଟି ପଣେ ଭିଜାଇ ନିଜକୁ
ମୁଁ ଆଙ୍କୁଛି ଛବିଟେ କବିତା ଟେ ପରି।

– ଅନୁଗୋଳ
ମୋ: ୯୮୬୧୩୮୫୫୩୯





'ଲକ୍ଷ୍ୟ' ଫିଲ୍ମରେ ରଜନୀ

# ରଜନୀଙ୍କ ନେତା ଅବତାର

ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ ଏବେ ରାଜନୀତି କରିବାକୁ ଯାଉଛନ୍ତି। ତାଙ୍କର ଏହି ନେତା ଗେଟ୍‌ଅପ୍ ବେଶ୍ ଭାଇରାଲ ମଧ୍ୟ ହୋଇଛି। ହେଲେ ସେ ହଠାତ୍ କାହିଁକି ଏପରି ନିଷ୍ପତ୍ତି ନେଲେ? ଏଭଳି କଥା ପଛରେ ଶତ ପ୍ରତିଶତ ସତ୍ୟତା ରହିଛି, ହେଲେ ତାହା ଘଟିବାକୁ ଯାଉଛି ରଜନୀଙ୍କ ରିଲ୍ ଲାଇଫରେ। ସଂଳାପ ଲେଖିବା ବ୍ୟତୀତ ସେ ଛୋଟ ତଥା ବେଳେବେଳେ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ବି ଅବତୀର୍ଣ୍ଣ ହୋଇସାରିଛନ୍ତି। ଆଉ ଏବେ ନେତା ଭୂମିକାରେ ସେ କେଉଁ ଫିଲ୍ମରେ ଅଭିନୟ କରିଛନ୍ତି ଜାଣନ୍ତି? ସିନେମାଟିର ଟାଇଟଲ ହେଲା 'ଲକ୍ଷ୍ୟ'। ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ ତଥା ଜଣେ ଲେଖକଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଏହି ଫିଲ୍ମ ରିଲିଜ ଅପେକ୍ଷାରେ ରହିଛି। ରଜନୀ ଇତିମଧ୍ୟରେ ପ୍ରାୟ ୧୬ଟି ସିନେମା ବ୍ୟତୀତ ଘର, ଉପନ୍ୟାସ, କିଛି କଥା ମିଠା, ଉପନ୍ୟାସ ଏବଂ ଦାସୀ ଆଦି ୧୫ଟି ଧାରାବାହିକରେ ଅଭିନୟ କରିସାରିଛନ୍ତି। ରଜନୀ କୁହନ୍ତି, ''ମୁଁ ଯେତୋଟି ସିନେମାରେ ଅଭିନୟ କରିଛି ସେଥିମଧ୍ୟରୁ 'ଏ ମନ ମାନେନା' ଚରିତ୍ରଟି ମୋତେ ବେଶ୍ ମାଇଲେଜ୍ ଦେଇଥିଲା। ସବ୍ୟସାଚୀ ମହାପାତ୍ର ମୋତେ ପ୍ରଥମେ 'ଘର' ଧାରାବାହିକରେ ଅଭିନୟ କରିବାର ସୁଯୋଗ ଦେଇଥିଲେ।''

# ଦୃଢ଼ମନା ୟାମି

ୟାହାହେଉ ସେ ଯାହା ଆଶା କରୁଥିଲେ ତାହା ସତରେ ପରିଣତ ହେଲା। ତାଙ୍କ ଅଭିନୀତ ନୂଆ ସିନେମାଟି ରିଲିଜ ହେବା ପରେ ତାହା ପ୍ରାରମ୍ଭରୁ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। କଥା କ'ଣ କି ଚଳିତ ମାସ ୭ ତାରିଖରେ ରିଲିଜ ହୋଇଛି 'ହକ୍'। ପ୍ରାରମ୍ଭରୁ ଫିଲ୍ମଟି ଭଲ ବିଜନେସ କରିବା ପରେ ୟାମିଙ୍କ ଖୁସି କାହିଁରେ କେତେ। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ନିଜ ଭୂମିକା ପାଇଁ ତାଙ୍କୁ ଜାତୀୟ ପୁରସ୍କାର ମିଳିବ ବୋଲି ଆଶା ରଖିଛନ୍ତି। ଏ ବିଷୟରେ ୟାମି କହନ୍ତି, ''ଯେତେବେଳେ ଏହି ଫିଲ୍ମର କାହାଣୀ ଶୁଣିଥିଲି ସେତେବେଳେ ମୋର ସମ୍ପୂର୍ଣ୍ଣ ହୃଦବୋଧ ହୋଇଥିଲା ଯେ, ଫିଲ୍ମଟି ନିଶ୍ଚୟ ଦର୍ଶକଙ୍କ ମନକୁ ଛୁଇଁବ। ଆଉ ରିଲିଜ ହେବା ପରେ ପ୍ରଥମ ସପ୍ତାହରୁ ହିଁ ତାହା ସତ ବୋଲି ପ୍ରମାଣିତ ହୋଇଛି। ତା'ସହ ମୋ ଭୂମିକା ପାଇଁ ଜାତୀୟ ପୁରସ୍କାର ପାଇବି ବୋଲି ବି ଆଶା ରଖିଛି।''ଏଥିରେ ୟାମିଙ୍କ ନାୟକ ସାଜିଛନ୍ତି ଇମ୍ରାନ ହାସ୍‌ମୀ। ଜଣେ ମୁସଲମାନ ମହିଳା ନିଜ ହକ୍ ପାଇଁ କିପରି ଲଢୁଛି ତାହା ଏଥିରେ ଦେଖିବାକୁ ମିଳିଛି। ଫିଲ୍ମଟିର କାହାଣୀ ରଚନା କରିଛନ୍ତି ରେଶୁ ନାଥ। ନିର୍ଦ୍ଦେଶନା ଦେଇଛନ୍ତି ସୁପର୍ଣ୍ଣ ବର୍ମା। ଜଣେ ମଡେଲ ଭାବରେ ୟାମି ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତା'ପରେ କେତୋଟି ଟିଭି ଶୋ'ରେ ଦେଖାଦେବା ପରେ ସେ ବଡ ପରଦାକୁ ଆସିଥିଲେ। କନ୍ନଡ ଫିଲ୍ମ 'ଆନନ୍ଦ ଉଲ୍ଲାସ' ଥିଲା ତାଙ୍କ ଅଭିନୀତ ପ୍ରଥମ ସିନେମା। 'ଭିକି ଡୋନର'ରୁ ହିନ୍ଦୀ ସିନେମାରେ ପାଦ ରଖିଥିଲେ ଏହି ଅଭିନେତ୍ରୀ।

# ସେହି ଶହେ ଟଙ୍କା...


ହୃତିକ ରୋଶନଙ୍କୁ ନାୟକ ଭାବରେ ନିଜ ହୋମ ବ୍ୟାନରରେ ସୁଯୋଗ ମିଳିଥିଲା। ଆଉ ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ'। ଏହି ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ତେବେ ଅନେକେ ହୁଏତ ଜାଣି ନ ଥିବେ, ନାୟକ ହେବାର ବହୁ ପୂର୍ବରୁ ଅର୍ଥାତ୍ ସେ ଯେତେବେଳେ ସ୍କୁଲରେ ପଢୁଥିଲେ ଏକ ଚଳଚ୍ଚିତ୍ରରେ ନାଚିଥିଲେ। ଚଳଚ୍ଚିତ୍ରଟିର ନାମ ଥିଲା 'ଆଶା' (ଜିତେନ୍ଦ୍ର-ରୀନା ରୟ)। ଏଥିରେ ଖୁସି ହୋଇ ତାଙ୍କର ଜେଜେ ଜେ. ଓମ୍ ପ୍ରକାଶ ତାଙ୍କୁ ୧୦୦ଟଙ୍କା ଦେଇଥିଲେ। ଏ ବିଷୟରେ ହୃତିକ କହନ୍ତି, ''୧୯୮୦ରେ ମୋ ଜେଜେଙ୍କ ନିର୍ଦ୍ଦେଶନାରେ 'ଆଶା' ପ୍ରସ୍ତୁତ ହେଉଥାଏ। ସେତେବେଳେ ମୁଁ ସ୍କୁଲରେ ପଢୁଥାଏ। ମୋତେ ମାତ୍ର ୬ ବର୍ଷ ବୟସ ହୋଇଥାଏ। ଜେଜେ ମୋତେ କହିଲେ- କିରେ ନାଚି, ଏ ଗୀତରେ ନାଚିବୁ କି? ମୁଁ ହଁ ଭରିବା ପରେ ନାଚିଥିଲି। ତା'ପରେ ସେ ଖୁସି ହୋଇ ମୋତେ ୧୦୦ ଟଙ୍କା ଦେଇ କହିଲେ- ନେ, ଏହା ହେଉଛି ତୋ' ରେମ୍ୟୁନିରେଶନ। ଜେଜେଙ୍କର ସେହି କଥା ମୋର ଆଜିଯାଏ ମନେ ରହିଛି।'' ତେବେ ଜାଣନ୍ତି କି 'କହୋନା ପ୍ୟାର୍ ହୈ'ର ନାୟକ ପ୍ରଥମେ ଶାହରୁଖ ଖାନ୍ ସାଜିଥାଆନ୍ତେ। କିନ୍ତୁ ପରେ ହୃତିକଙ୍କୁ ଏହି ଫିଲ୍ମରେ ବ୍ରେକ୍ ଦେବାକୁ ସ୍ଥିର କରିଥିଲେ ରାକେଶ। ପ୍ରଥମେ ଏଥିରେ କରୀନା କପୁର ନାୟିକା ସାଜିଥାଆନ୍ତେ। ହେଲେ ସେ ମନା କରିବା ପରେ ନବାଗତା ଅମୀଷା ପଟେଲଙ୍କୁ ସାଇନ୍ କରାଯାଇଥିଲା।



ହୃତିକ

# ଆୟୁଷ୍ମାନଙ୍କ ପ୍ରଶଂସାରେ ପରିଣୀତି

ପରିଣୀତି ଚୋପ୍ରା ଏବଂ ଆୟୁଷ୍ମାନ ଖୁରାନାଙ୍କ ଯୋଡି 'ମେରି ପ୍ୟାରି ବିନ୍ଦୁ'ରେ ଅଭିନୟ କରିଥିଲେ। ୨୦୧୭ରେ ଉକ୍ତ ସିନେମା ରିଲିଜ ହୋଇଥିଲା। ଆଉ ଫିଲ୍ମଟିକୁ ଆଶାନୁରୂପ ସଫଳତା ମିଳିଥିଲା। କିନ୍ତୁ ଏହାପରେ ଏହି ଯୋଡିକୁ ଆଉ କୌଣସି ସିନେମାରେ ଦେଖିବାକୁ ମିଳି ନାହିଁ। ନିକଟରେ ଆୟୁଷ୍ମାନଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି ପରିଣୀତି। ସେ କହନ୍ତି, ''ଆୟୁଷ୍ମାନଙ୍କ ସହ ମାତ୍ର ଗୋଟିଏ ସିନେମାରେ ଅଭିନୟ କରିଛି। ହେଲେ ତାଙ୍କ ସହ କାମ କରିବାର ମଜା ନିଆରା। ତାଙ୍କୁ ଯେ କୌଣସି ରୋଲ୍ ଦେଲେ ତାହାକୁ ତୁଲାଇବାରେ ସେ ବେଶ୍ ସିଦ୍ଧହସ୍ତ। 'ମେରି ପ୍ୟାରି ବିନ୍ଦୁ' ବକ୍ସ ଅଫିସରେ ଆଭରେଜ ବିଜନେସ୍ କରିଥିଲା। ମୁଁ ଆଶା ରଖିଥିଲି ଆମ ଯୋଡିକୁ ପୁଣିଥରେ କୌଣସି ସିନେମାରେ ଦେଖିବାକୁ ମିଳିବ। ହେଲେ ଏଯାଏ ସେମିତି କିଛି ହୋଇ ନାହିଁ। ଏବେ ଆୟୁଷ୍ମାନ ବଲିଉଡ୍‌ରେ ଜଣେ ଆଗଧାଡିର ଅଭିନେତା।'' ଏହି ଫିଲ୍ମରୁ ଆକାଶ ରାୟ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଥିଲେ। ୟଶରାଜ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଥିଲେ ମନୀଷ ଶର୍ମା।



ଆୟୁଷ୍ମାନ-ପରିଣୀତି

# ମିଳିଗଲା ଶୁଭ ଦିନ

ଅନନ୍ୟା ପାଣ୍ଡେଙ୍କ ଖୁସି କହିଲେ ନ ସରେ। ଏହା ପଛରେ କି କାରଣ ରହିଛି ଜାଣିବେନି? କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ତୁ ମେରି ମେଁ ତେରା, ମେଁ ତେରା ତୁ ମେରି' ଚଳିତ ବର୍ଷ ଡିସେମ୍ବର ୨୫ ଅର୍ଥାତ୍ ଖ୍ରୀଷ୍ଟମାସ ଦିନ ରିଲିଜ ହେବାକୁ ଯାଉଛି। ଏହାର ନାୟକ ସାଜିଛନ୍ତି କାର୍ତ୍ତିକ ଆର୍ଯ୍ୟନ। ଧର୍ମା ପ୍ରଡକ୍ସନସ ଏବଂ ନମଃ ପିକ୍ଚର୍ସ ବ୍ୟାନରରେ ଉକ୍ତ ଚିତ୍ରର ପ୍ରମୁଖ ପ୍ରଯୋଜକ ଅଛନ୍ତି କରନ୍ ଜୋହର, ଅଧର ପୁନାୱାଲା ଏବଂ ଅପୂର୍ବ ମେହଟ୍ଟା। ନିର୍ଦ୍ଦେଶନା ଦେଇଛନ୍ତି ସମୀର ବିଦ୍ୱାନସ। ଏ ବିଷୟରେ ଅନନ୍ୟା କହନ୍ତି, ''ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ନେଇ ଏହାକୁ ନିର୍ମାଣ କରାଯାଇଛି। ଏଥିରେ ଯେଉଁ ଭୂମିକା ମିଳିଛି ତାହା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ୍ ଦେବ ବୋଲି ଆଶା ରଖିଛି। ଏଥର ଖ୍ରୀଷ୍ଟମାସରେ ଦର୍ଶକ ଏହି ଫିଲ୍ମରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ। ଏହାର ରିଲିଜ ଡେଟ୍‌କୁ ନେଇ ଅନିଶ୍ଚିତତା ଲାଗି ରହିଥିଲା। କିନ୍ତୁ ଶେଷରେ ଫିଲ୍ମଟି ଆସନ୍ତା ମାସ ୨୫ରେ ପରଦା ଉପରକୁ ଆସୁଛି। ଆଉ ମୁଁ ସେହି ଶୁଭ ଦିନକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛି।'' କରନ୍ ଶ୍ରୀକାନ୍ତ ଶର୍ମା ଏହାର କାହାଣୀ ରଚନା କରିଛନ୍ତି। କାର୍ତ୍ତିକ-ଅନନ୍ୟା ବ୍ୟତୀତ ଏଥିରେ ଜ୍ୟାକି ଶ୍ରଫ ଏବଂ ନିନା ଗୁପ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି।



ଶ୍ରଦ୍ଧା

# ଯଦି ଶ୍ରଦ୍ଧା ରାଜି ହୋଇଥାଆନ୍ତେ...

ବେଳେବେଳେ ଭଲ ସୁଯୋଗଟିଏ ହାତଛଡା କରିବା ପରେ ଅନୁତାପ କରିବାକୁ ପଡିଥାଏ। ସେଥିରୁ ଶକ୍ତି ତନୟା ଶ୍ରଦ୍ଧା କପୁର ବା ବାଦ୍ ପଡନ୍ତେ କିପରି? କଥା କ'ଣ କି 'ତିନ୍ ପତି' (୨୦୧୦) ଫିଲ୍ମରୁ ସେ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ଏହାର ପାଞ୍ଚବର୍ଷ ପୂର୍ବରୁ ଅର୍ଥାତ୍ ୨୦୦୫ରେ ତାଙ୍କୁ ଏକ ଭଲ ଚାନ୍ସ ମିଳିଥିଲା। ସଲମାନ ଖାନ୍ ଅଭିନୀତ 'ଲକି: ନୋ ଟାଇମ୍ ଫର୍ ଲଭ'ରେ ନିଜେ ସଲମାନ୍ ତାଙ୍କୁ ବ୍ରେକ୍ ଦେବାକୁ ଚାହୁଁଥିଲେ। ସେତେବେଳେ ଶ୍ରଦ୍ଧାଙ୍କୁ ହୋଇଥାଏ ମାତ୍ର ୧୬ ବର୍ଷ ବୟସ ଏବଂ ତାଙ୍କର ପାଠପଢ଼ା ଜାରି ରହିଥାଏ। ଏ ନେଇ ଶ୍ରଦ୍ଧା କହନ୍ତି, ''ସେତେବେଳେ ମୁଁ ପାଠପଢ଼ାକୁ ଗୁରୁତ୍ୱ ଦେଉଥାଏ। ସଲମାନ୍ ଦେଇଥିବା ଏହି ଅଫର୍‌କୁ ମୁଁ ଭଲ ଭାବରେ ଚିନ୍ତା କରିଥିଲି। ହେଲେ ପାଠପଢ଼ା ପାଇଁ ମୋତେ ଏହାକୁ ଛାଡିବାକୁ ପଡିଥିଲା। ଯଦି ସେତେବେଳେ ମୁଁ ରାଜି ହୋଇଥାଆନ୍ତି, ତେବେ ସେହି ସିନେମାରୁ ମୋ କ୍ୟାରିୟର ଆରମ୍ଭ ହୋଇଥାଆନ୍ତା। ଅବଶ୍ୟ ସେ କଥା ମନେ ପଡିଲେ ଏବେ ଟିକେ ଦୁଃଖ ଲାଗେ।''ପରବର୍ତ୍ତୀ ସମୟରେ ଏହି ଫିଲ୍ମ ପାଇଁ ନବାଗତା ସ୍ନେହା ଉଲ୍ଲାଲଙ୍କୁ ସାଇନ୍ କରାଯାଇଥିଲା। ନିକଟରେ ୱାଲ୍ଟ ଡିଜ୍‌ନୀ ଆନିମେଶନ ଷ୍ଟୁଡିଓ ଦ୍ୱାରା ପ୍ରସ୍ତୁତ ଆନିମେଶନ ଫିଲ୍ମ 'ଜୁଟୋପିଆ ୨' ପାଇଁ ଶ୍ରଦ୍ଧା ଭଏସ୍ ଦେଇଛନ୍ତି। ଏହି ଫିଲ୍ମଟି ଚଳିତ ମାସ ୨୬ରେ ରିଲିଜ ହେବାକୁ ଯାଉଛି।



'ତୁ ମେରି ମେଁ ତେରା, ମେଁ ତେରା ତୁ ମେରି' ଫିଲ୍ମରେ ଅନନ୍ୟା-କାର୍ତ୍ତିକ

## ପ୍ରଥମ ରୋଜଗାର

# ପ୍ରଥମ ପାରିଶ୍ରମିକରେ ଇଂଲିଶ ଡିକ୍ସନାରି କିଣିଥିଲି

**ସାମାଜିକ କର୍ମୀ ତଥା ଖବରକାଗଜ ସଂଗ୍ରାହକ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**



ଖୋର୍ଦ୍ଧା ସହରର ଉପରସାହିରେ ଆମ ଘର। ସ୍ୱର୍ଗତ କୁଳମଣି ଷଡ଼ଙ୍ଗୀ ଓ ସ୍ୱର୍ଗତା ଲକ୍ଷ୍ମୀ ଦେବୀଙ୍କର ସାତ ପୁଅ ଓ ଗୋଟେ ଝିଅ ମଧ୍ୟରେ ମୁଁ ହେଲି ପଞ୍ଚମ ସନ୍ତାନ। ଭଉଣୀ ସବୁଠୁ ବଡ଼। ଆଉ ମୋ ଉପରେ ତିନି ଭାଇ ଏବଂ ତଳେ ତିନି ଭାଇ। ଜମିବାଡ଼ି ଭଲ ଥିବା ଯୋଗୁ ଚଳିବାରେ କେବେ କିଛି ଅସୁବିଧା ହୋଇନି। ବିଜେବି ହାଇସ୍କୁଲରୁ ଏକାଦଶ ପାସ୍ କରିବା ପରେ ଖୋର୍ଦ୍ଧା କଲେଜରେ ଆଇ.ଏ., ବି.ଏ. ପଢ଼ିଥିଲି। ତା'ପରେ ଉତ୍କଳ ୟୁନିଭର୍ସିଟିରେ ସାଇକୋଲୋଜିରେ ପି.ଜି. କଲି। ପି.ଜି. କରିବା ସମୟରେ ମୋ ଲିଖିତ 'ଜବାହରଲାଲ୍ ନେହେରୁ ଓ ସମବାୟ' ଏବଂ 'ପ୍ରଗତିପଥରେ ସମବାୟ' ଶୀର୍ଷକ ଦୁଇଟି ଲେଖା ସମବାୟ ସମାଚାରରେ ପ୍ରକାଶ ପାଇଥିଲା ; ଯେଉଁଥିପାଇଁ ମୋତେ ୫୦ ଟଙ୍କାର ମନିଅର୍ଡର ବି ମିଳିଥିଲା। ସେଇଟା ହିଁ ଥିଲା ମୋ ଜୀବନର ପ୍ରଥମ ପାରିଶ୍ରମିକ। ସେହି ୫୦ ଟଙ୍କାରେ ଆଉ ୨୫ ଟଙ୍କା ମିଶାଇ ମୁଁ ସେତେବେଳେ ଏକ ଚାମ୍ବର୍ସ ଇଂଲିଶ ଡିକ୍ସନାରି କିଣିଥିଲି ; ଯାହାକୁ ମୁଁ ପଢୁଥିଲି, ମୋ ପୁଅ ଦୁହେଁ ବି ପଢ଼ିଥିଲେ ଆଉ ଏବେ ମୋ ନାତୁଣୀନାତିମାନେ ବି ପଢୁଛନ୍ତି। ସେହିପରି ସେହି ୫୦ ଟଙ୍କାର ମନିଅର୍ଡର ରସିଦ୍‌କୁ ବି ମୁଁ ଆଜିଯାଏ ସାଇତି ରଖିଛି। ପିଜି ପରେ ୧୯୭୭ ମସିହାରେ ମୋତେ ରାଜ୍ୟ ସରକାରଙ୍କ ସମବାୟ ବିଭାଗରେ ନିରୀକ୍ଷକ ପଦବୀରେ ଚାକିରି ମିଳିଗଲା। ଓଡ଼ିଶାର ବିଭିନ୍ନ ଜିଲାରେ କାମ କରି ଶେଷରେ ୨୦୧୩ ମାର୍ଚ୍ଚ ୩୧ ତାରିଖରେ ଉପ-ସହକାରୀ ନିବନ୍ଧକ ଭାବେ ନୟାଗଡ଼ରୁ ଅବସର ନେଲି। ଚାକିରିର ବ୍ୟସ୍ତତା ଭିତରେ ସମୟ ବାହାର କରି ମଝିରେ ମଝିରେ କିଛି ନା କିଛି ସାମାଜିକ ଘଟଣାବଳୀକୁ ନେଇ ଲେଖାଲେଖି କରୁଥିଲି ଆଉ ତାହା ବିଭିନ୍ନ ଖବରକାଗଜରେ ପ୍ରକାଶ ବି ପାଉଥିଲା। କିନ୍ତୁ ୨୦୧୨ରେ ମୋ ଧର୍ମପତ୍ନୀଙ୍କର ଅକାଳ ବିୟୋଗ ପରେ ମୋର ଆଉ ଲେଖିବାକୁ ଆଗ୍ରହ ହେଲାନି। ଲେଖି ବସିଲେ ଖାଲି ତାଙ୍କରି କଥା ମନେପଡିଲା। ନିଜ ମନକୁ ବୁଝେଇବାକୁ କ୍ରମେ ବିଭିନ୍ନ ପ୍ରକାର ଖବରକାଗଜ ସଂଗ୍ରହ କରିବା ଆରମ୍ଭ କଲି। ଆଉ ପରବର୍ତ୍ତୀ ସମୟରେ ମୋ ଧର୍ମପତ୍ନୀଙ୍କ ନାମରେ 'କରୁଣାମୟୀ ସ୍ମାରକୀ ସମ୍ବାଦପତ୍ର ସଂଗ୍ରହାଳୟ' ନିଜ ଘରେ ଖୋଲିଲି। ବର୍ତ୍ତମାନ ମୋର ଏହି ସଂଗ୍ରହାଳୟରେ ପ୍ରାୟ ୭୦୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ରାଜ୍ୟର, ବିଭିନ୍ନ ଦେଶର ଭିନ୍ନ ଭିନ୍ନ ଭାଷାରେ ପ୍ରକାଶିତ ଦୈନିକ ହେଉକି ସାପ୍ତାହିକ ଅବା ପାକ୍ଷିକ ଅଥବା ମାସିକ ଖବରକାଗଜ ରହିଥିବା ଯେ କେହି ଦେଖିପାରିବେ। ମୋର ଖବରକାଗଜ ସଂଗ୍ରହକୁ ଦେଖି ମୋ ନାତୁଣୀ ଓ ନାତି ଦୁହେଁ ବି ସେମାନଙ୍କ ପସନ୍ଦରେ କିଏ ବିଭିନ୍ନ ପ୍ରକାର ପାନିଆ ସଂଗ୍ରହ କଲାଣି ତ କିଏ କଏନ୍ ଓ ନୋଟ୍ ତ ପୁଣି କିଏ ଭିନ୍ନ ଭିନ୍ନ ଚାମଚ ସାଇତିବାରେ ଲାଗିଗଲେଣି। ଏଇ କିଛିଦିନ ହେବ ମୋ ବଡ଼ ବୋହୂ ବି ବିଭିନ୍ନ ପ୍ରକାରର ସିନ୍ଦୂର ଫରୁଆ ସଂଗ୍ରହ କରିବାରେ ନିଜ ତରଫରୁ ଆଗ୍ରହ ପ୍ରକାଶ କରିଥିବା ଦେଖିବାକୁ ମିଳୁଛି। ଏସବୁ ଜିନିଷ ଆମ ଘରେ ହିଁ ଅଛି। ଯେତେବେଳେ ଯିଏ ଆଗ୍ରହ ପ୍ରକାଶ କରନ୍ତି, ସେମାନେ ଆସି ଦେଖିଯାନ୍ତି। ଏସବୁବାଦ୍ ଓଡ଼ିଶା ଦୁର୍ନୀତି ସଂଘର୍ଷ ମହାସଂଘର ମୁଁ ଏବେ ଖୋର୍ଦ୍ଧା ଜିଲାର ସାଧାରଣ ସମ୍ପାଦକ ଅଛି। ସେହିପରି ଖୋର୍ଦ୍ଧା ଜିଲା ପେନ୍‌ସନର୍ସ ଆସୋସିଏଶନ୍‌ର ଉପସଭାପତି, ଗୀତା ଗବେଷଣା ପରିଷଦର ଉପସଭାପତି, ଖୋର୍ଦ୍ଧା ଜିଲା ବରିଷ୍ଠ ନାଗରିକ ମହାସଭାର ସାଧାରଣ ସମ୍ପାଦକ, ଉତ୍କଳ ସମ୍ମିଳନୀର ଉପସଭାପତି ଦାୟିତ୍ୱ ବି ମୁଁ ତୁଲାଉଅଛି।

# ମନମୋହିନୀ ସେ ସପନ ରାଣୀ, ନିମିଷକେ ନେଲା ମନକୁ କିଣି

**ପ୍ରଶ୍ନ**–ସବୁବେଳେ ମୋ ସ୍ୱପ୍ନରେ ଜଣେ ସୁନ୍ଦରୀ ଆସୁଛି। ତା' କଥା ଭାବି ଭାବି ଦିନ ବିତି ଯାଉଛି। ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ। କ'ଣ କରିବି ?

*–ଅମନ, କଟକ*

**ଉତ୍ତର :** ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡ଼ି ନ ଥାଏ। କିନ୍ତୁ ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲକା ଭାବରେ ନିଅନ୍ତୁ ନାହିଁ। ପ୍ରଥମ କଥା ହେଲା ଯିଏ ଆପଣଙ୍କ ସ୍ୱପ୍ନରେ ସବୁବେଳେ ଆସୁଛି ଆପଣଙ୍କ ମନ ତା' ପାଖରେ ଏବେ ବନ୍ଧା ପଡ଼ିଯାଇଛି। 'ମନମୋହିନୀ ସେ ସପନ ରାଣୀ, ନିମିଷକେ ନେଲା ମନକୁ କିଣି।' ଅନ୍ୟପକ୍ଷରେ ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ। ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ। ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡ଼ି ଦେଖି ମାଡ଼ିଯିବା କଥା।

**ପ୍ରଶ୍ନ**–ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ? *–ବିଜୟ କୁମାର ନାଥ, କେନ୍ଦ୍ରାପଡ଼ା*

**ଉତ୍ତର :** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ। ଆଉ ସେହି ଲାଜରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡ଼ିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ।

**ପ୍ରଶ୍ନ**–ଜଣେ ସାଙ୍ଗ କଥାରେ ପଡ଼ି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ। ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*–ଅମିତ, ଅନୁଗୋଳ*

**ଉତ୍ତର :** କାହା ବୁଦ୍ଧିରେ ପଡ଼ି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡ଼ିଥାଏ। ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା। ତାଙ୍କ କଥାରେ ପଡ଼ି ଆଗ ପଛ ବିଚାର ନ କରି ଆଗେଇ ଗଲେ। ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି। କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି'। ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡ଼ିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡ଼ିବ। ଏବେ ମୁଁ କ'ଣ କରିବି ?

*–ତନ୍ମୟ ଦାସ, ଆନନ୍ଦପୁର, କେଉଁଝର*

**ଉତ୍ତର :** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢ଼ଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଫୁର୍ କିନା ଉଡ଼ିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?

*–ବିଶ୍ୱଜିତ, ଢେଙ୍କାନାଳ*

**ଉତ୍ତର :** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ । ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।



ସାଥୀ

ଟ୍ରେଣ୍ଡି

# ବାମ୍ବୋ ବ୍ୟାଗ୍





**ସମୟାନୁସାରେ ଫ୍ୟାଶନର ଟ୍ରେଣ୍ଡ ବଦଳେ। ଆଉ ସେହି ଅନୁଯାୟୀ, ଝିଅମାନେ ନିଜ ଲୁକ୍‌କୁ ହାଇଲାଇଟ୍ କରିବାକୁ ଷ୍ଟାଇଲିଶ୍ ଆଉଟ୍‌ଫିଟ୍ ସହିତ ବିଭିନ୍ନ ପ୍ରକାର ଆସେସୋରିଜ୍ ବ୍ୟବହାର କରିଥାନ୍ତି। ତନ୍ମଧ୍ୟରୁ ହ୍ୟାଣ୍ଡବ୍ୟାଗ୍ ହେଉଛି ଅନ୍ୟତମ। ତେବେ ସବୁବେଳେ ଗୋଟେ ପ୍ରକାରର ହ୍ୟାଣ୍ଡବ୍ୟାଗ୍ ବ୍ୟବହାର ନ କରି କିଛି ନୂଆ ଯେମିତି କି ବାମ୍ବୋ ବ୍ୟାଗ୍ ବି ଟ୍ରାଏ କରିପାରିବେ, ଯାହା ଲୁକ୍‌କୁ ଆହୁରି ଆଟ୍ରାକ୍ଟିଭ୍ କରିବ । ଜାଣନ୍ତୁ ସେମିତି କିଛି ଟ୍ରେଣ୍ଡି ବାମ୍ବୋ ହ୍ୟାଣ୍ଡବ୍ୟାଗ୍ ସମ୍ପର୍କରେ...**

* **ହାଫ୍ ମୁନ୍ ବାମ୍ବୋ ଟୋଟ୍ ବ୍ୟାଗ୍:** ହାଫ୍ ମୁନ୍ ଶେପ୍‌ର ଏହି ବାମ୍ବୋ ବ୍ୟାଗ୍‌ଟି ଦେଖିବାକୁ ଯେମିତି ଷ୍ଟାଇଲିଶ୍ ଲାଗେ, ଏହାକୁ କ୍ୟାରି କଲେ ବି ସେମିତି ଟ୍ରେଣ୍ଡି ଲୁକ୍ ମିଳେ। ବିଶେଷକରି ଏହି ଟାଇପ୍‌ର ବ୍ୟାଗ୍‌କୁ ଜୁଟ୍, ଟସର୍, ଭାଗଲପୁରୀ ଶାଢ଼ି ସାଙ୍ଗେ କ୍ୟାରି କଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ। ଇଣ୍ଡିଗୋ ଆଉଟ୍‌ଫିଟ୍ ସାଙ୍ଗେ ବି ଏହାକୁ କ୍ୟାରି କରାଯାଇପାରେ। ଅଫିସିଆଲ୍ ପାର୍ଟି ଲୁକ୍ ପାଇଁ ଏହି ବ୍ୟାଗ୍ ବେଷ୍ଟ ହୋଇଥାଏ।

* **ବଞ୍ଜାରା ଜୁଟ୍ ବାମ୍ବୋ ହ୍ୟାଣ୍ଡବ୍ୟାଗ୍:** ଏହି ହ୍ୟାଣ୍ଡବ୍ୟାଗ୍ ବି ଖୁବ୍ ଟ୍ରେଣ୍ଡି ଲାଗେ। ବିଶେଷକରି ଏଥିରେ ଝୋଟକୁ ଟିକେ ଭିନ୍ନ ଢଙ୍ଗରେ ବ୍ୟବହାର କରାଯାଇଥାଏ ; ଯାହା ଏହି ବ୍ୟାଗ୍‌ର ଲୁକ୍‌କୁ ଆହୁରି ଆକର୍ଷଣୀୟ କରିଦିଏ। ଏହି ବ୍ୟାଗ୍‌ର ବିଶେଷତା ହେଉଛି, ଏହାକୁ ଯେ କୌଣସି ଆଉଟ୍‌ଫିଟ୍ ସାଙ୍ଗେ କ୍ୟାରି କରିବା ସହଜ ହୁଏ।

* **ବୋହୋ ବାମ୍ବୋ ହ୍ୟାଣ୍ଡବ୍ୟାଗ୍:** ଏହି ଟାଇପ୍‌ର ବ୍ୟାଗ୍‌କୁ ବି ଯେ କୌଣସି ଆଉଟ୍‌ଫିଟ୍ ସାଙ୍ଗେ ବେଶ୍ ଆରାମରେ କ୍ୟାରି କରିହୁଏ। ଅନେକ ଜିନିଷକୁ ମଧ୍ୟ ବେଶ୍ ଆରାମରେ ଏଥିରେ ରଖିହୁଏ। କଲେଜ ହେଉ ଅବା ଅଫିସ ପାଇଁ ଏହି ଟାଇପ୍‌ର ବ୍ୟାଗ୍‌କୁ କ୍ୟାରି କରିବା ବେଷ୍ଟ ହୋଇଥାଏ, ଯାହା ମଡର୍ନ ଲୁକ୍ ଦେବା ସହ ଟ୍ରେଣ୍ଡି ବି ଲାଗିଥାଏ।

* **ସମର୍ ବିଚ୍ ଟୋଟ୍ ମୁନ୍ ବାମ୍ବୋ ବ୍ୟାଗ୍:** ଯଦି କୁଆଡ଼େ ବୁଲିଯିବାର ପ୍ଲାନିଂ କରୁଥାନ୍ତି, ତା'ହେଲେ ବିଭିନ୍ନ ପ୍ରକାରର ଷ୍ଟାଇଲିଶ୍ ଆଉଟ୍‌ଫିଟ୍ ସହିତ ଏହି ଟାଇପ୍‌ର ବାମ୍ବୋ ବ୍ୟାଗ୍‌କୁ କ୍ୟାରି କଲେ ଆଟ୍ରାକ୍ଟିଭ୍ ଟ୍ରାଭେଲ୍ ଲୁକ୍ ମିଳିଥାଏ। ବେଶ୍ ହାଲ୍‌କା ଡିଜାଇନ୍‌ର ହୋଇଥିବା ଯୋଗୁ ଏହି ବ୍ୟାଗ୍‌କୁ କ୍ୟାରି କରିବା ବି ଖୁବ୍ ସହଜ ହୁଏ।



* **ବାମ୍ବୋ ସ୍ଲିଙ୍ଗ୍ ବ୍ୟାଗ୍:** ଏହି ବ୍ୟାଗ୍‌ର ବି ବିଭିନ୍ନ ଭେରାଇଟି ଦେଖିବାକୁ ମିଳେ। କିଛି ବ୍ୟାଗ୍ ଫ୍ଲାଟ୍ ଡିଜାଇନ୍‌ରେ ଆସେ ତ କିଛି ବ୍ୟାଗ୍ ରାଉଣ୍ଡ ଶେପ୍‌ରେ ଆସିଥାଏ, ଯାହା ଦେଖିବାକୁ ବେଶ୍ କ୍ୟୁଟ୍ ଲାଗିଥାଏ। ସାଙ୍ଗସାଥୀଙ୍କ ସହ ବୁଲିବାକୁ ଗଲାବେଳେ କିମ୍ବା ମାର୍କେଟ୍‌କୁ ଶପିଂ କରିବାକୁ ଗଲାବେଳେ ଏହି ଟାଇପ୍‌ର ବ୍ୟାଗ୍‌କୁ ଜିନ୍ସ ହେଉ ଅବା ଯେ କୌଣସି ମଡର୍ନ ଆଉଟ୍‌ଫିଟ୍ ସହ କ୍ୟାରି କଲେ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

* **ବାମ୍ବୋ କ୍ଲଚ୍ ବ୍ୟାଗ୍:** ବାମ୍ବୋର ମଧ୍ୟ ଖୁବ୍ ସୁନ୍ଦର ଡିଜାଇନ୍‌ର କ୍ଲଚ୍ ବ୍ୟାଗ୍ ମିଳେ, ଯାହାକୁ ଶାଢ଼ି ସାଙ୍ଗେ ହେଉ ଅବା ଅନ୍ୟ କୌଣସି ଆଉଟ୍‌ଫିଟ୍ ସାଙ୍ଗେ ମଧ୍ୟ କ୍ୟାରି କରାଯାଇପାରେ। ବିଶେଷକରି ଏହି ଟାଇପ୍‌ର କ୍ଲଚ୍ ବ୍ୟାଗ୍‌କୁ କଟନ୍ ହେଉ ଅବା ଟସର୍ ଅଥବା ଜୁଟ୍ ଆଉଟ୍‌ଫିଟ୍ ସଙ୍ଗେ କ୍ୟାରି କଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ।

ତେବେ କିଛି ବ୍ୟାଗ୍ ସମ୍ପୂର୍ଣ୍ଣ ବାମ୍ବୋରେ ତିଆରି ହୋଇଥିବାବେଳେ କିଛି ବ୍ୟାଗ୍‌କୁ ବାମ୍ବୋ ଓ ଲେଦର୍ ଅଥବା ବାମ୍ବୋ ଓ ଜୁଟ୍‌ର ମିଶ୍ରଣରେ ତିଆରି କରାଯାଇଥାଏ। ସେହିପରି ଏହି ବ୍ୟାଗ୍‌ଗୁଡ଼ିକ ରାଉଣ୍ଡ ଅବା ରେକ୍ଟାଙ୍ଗୁଲାର୍ ଅଥବା ଓଭାଲ୍ ଶେପ୍‌ରେ ବି ମିଳିଥାଏ। ତେଣୁ ଝିଅମାନେ ନିଜ ଆଉଟ୍‌ଫିଟ୍‌କୁ ମ୍ୟାଚ୍ କଲାଭଳି ଯେ କୌଣସି ଟାଇପ୍‌ର ବାମ୍ବୋ ବ୍ୟାଗ୍ କ୍ୟାରି କରି ନିଜକୁ ଟ୍ରେଣ୍ଡି ଲୁକ୍ ଦେଇପାରିବେ।



## ହାଃ ହାଃ

### ଗଧ

ସୋନୁ ଗୋଟେ ଗଧକୁ ନେଇ ଟ୍ୟୁଶନ୍‌କୁ ଯାଇଥାଏ।
ଟ୍ୟୁଶନ୍ ସାର୍: ଆରେ ତୁ ଏ ଗଧକୁ କାହିଁକି ନେଇକି ଆସିଛୁ ?
ସୋନୁ: ସାର୍, ଆପଣ ପରା କୁହନ୍ତି, 'ମୁଁ ବଡ଼ ବଡ଼ ଗଧକୁ ମଣିଷ କରିଛି'। ସେଥିପାଇଁ ଭାବିଲି ଏ ଗଧକୁ ବି ଆପଣ ମଣିଷ କରିଦେବେ।

### ଟ୍ରେନ୍

ପ୍ରଥମ ପାଗଳ ନିଜ ହାତରେ ଜଳନ୍ତା ସିଗାରେଟ୍‌କୁ ଲୁଚାଇ ଦ୍ୱିତୀୟ ପାଗଳକୁ ପଚାରିଲା: କହିଲୁ ଦେଖି ମୋ ହାତରେ କ'ଣ ଅଛି ?
ଦ୍ୱିତୀୟ ପାଗଳ: ଟ୍ରେନ୍...।
ପ୍ରଥମ ପାଗଳ: ତୁ କେମିତି ଜାଣିଲୁ ?
ଦ୍ୱିତୀୟ ପାଗଳ: ମୁଁ ପରା ତୋ ପାପୁଲି ଭିତରୁ ଧୂଆଁ ବାହାରୁଥିବା ଦେଖିଦେଇଥିଲି।

### ଚପଲ

ମା' ରାଗିକି ହାତରେ ଚପଲ ଉଠେଇ ପୁଅକୁ: ସୋଫା ବସିବା ପାଇଁ ହେଇଛି। ଶୋଇବା ପାଇଁ ନୁହଁ।
ପୁଅ: ଚପଲ ବି ପାଦରେ ପିନ୍ଧିବା ପାଇଁ ହେଇଛି, ମାରିବା ପାଇଁ ନୁହଁ।

### ଓଜନ

ମୋହନ ଡାକ୍ତରଙ୍କୁ: ଆପଣ ତ କହିଥିଲେ ଖେଳିଲେ ଓଜନ କମିବ। ହେଲେ ମୋ କ୍ଷେତ୍ରରେ କମିବ କ'ଣ ଅଧିକ ବଢିଗଲା।
ଡାକ୍ତର: କୋଉ ଖେଳ ଖେଳୁଥିଲେ କି ?
ମୋହନ: ତାସ୍..।






# ରିଘାଗଡ଼

ନୌବାଣିଜ୍ୟ ଇତିହାସରୁ ଜଣାପଡ଼େ ଯେ, ଅତୀତରେ କଳିଙ୍ଗ ଦେଶର ଉପକୂଳରେ ଏକାଧିକ ନୌଘାଟି ଓ ବନ୍ଦର ଗଢ଼ି ଉଠିଥିଲା। ବଙ୍ଗୋପସାଗର କୂଳବର୍ତ୍ତୀ, କେନ୍ଦ୍ରାପଡ଼ା ଜିଲାର ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ରିଘାଗଡ଼ ସେତେବେଳେ ଭଞ୍ଜବଂଶୀ ରାଜାଙ୍କ ଅଧୀନ ଥିଲା। ଏହି ଗଡ଼କୁ ଘେରି ରହିଛି ସମୁଦ୍ର ତଟ, ନଦୀନାଳ ଓ ପ୍ରାକୃତିକ ଜଙ୍ଗଲ। ଭୌଗୋଳିକ ସ୍ଥିତିରୁ ଜଣାପଡ଼େ, ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀର ତ୍ରିବେଣୀସ୍ଥଳଠାରୁ ପ୍ରାୟ ୨ ମାଇଲ ଦୂର ଦକ୍ଷିଣରେ ଥିବା ଭିତରକନିକାର ବନଭୂମିରେ ରିଘାଗଡ଼ର ରାଜଧାନୀ ଥିଲା। କନିକାର ସପ୍ତମ ରାଜା ନରସିଂହ ଭଞ୍ଜ ଏଠାରେ ଦୁର୍ଗ ନିମାଣ କରିଥିଲେ। ଏହି ଗଡ଼ର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ବ୍ରାହ୍ମଣୀନଦୀ, ଉତ୍ତରରେ ଭିତରକନିକା ଜାତୀୟ ଉଦ୍ୟାନ, ଦକ୍ଷିଣରେ ଘଡ଼ିଆମାଳ ରହିଛି। ରିଘାଗଡ଼ରେ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର, ଆଖଣ୍ଡଳେଶ୍ୱର ମନ୍ଦିର, ଅଷ୍ଟଶମ୍ଭୁ ଶିବଲିଙ୍ଗ ରହିଛି।

ଏହି ଅଞ୍ଚଳକୁ ନେଇ ଏକ ଲୋକକଥା ରହିଛି। ଅତୀତରେ ଏହି ଅଞ୍ଚଳରେ ଧନେଶ୍ୱର ନାମକ ଜଣେ ସୌଦାଗର ଥିଲେ। ସେ ବାଣିଜ୍ୟ କରିବା ପାଇଁ ସାଗରବକ୍ଷରେ ଯାଉଥିବାବେଳେ ଗୋଟିଏ ପଦ୍ମରେ ମା' ମଙ୍ଗଳାଙ୍କୁ ବସିଥିବାର ଦେଖି ସେ ରାଜା ସୁଦର୍ଶନଙ୍କୁ ଜଣାଇଥିଲେ। ରାଜା ସତ୍ୟାସତ୍ୟ ଜାଣିବା ପାଇଁ ସୈନ୍ୟ ସାମନ୍ତ ପଠାଇଥିଲେ। କିନ୍ତୁ ସେମାନଙ୍କୁ କିଛି ଦେଖା ଯାଇ ନଥିଲା। ତେଣୁ ରାଜା କ୍ରୋଧାନ୍ୱିତ ହୋଇ ଧନେଶ୍ୱରଙ୍କୁ ରୁଦ୍ଧ କାରାଗାରରେ ବନ୍ଦି କରି ରଖିଲେ। ସୌଦାଗରଙ୍କ ପ୍ରଥମ ପତ୍ନୀ ନୟନା ଅପୁତ୍ରିକ ଥିବାରୁ ସେ ତାଙ୍କ ଭଉଣୀ ଖୁଲଣାସୁନ୍ଦରୀଙ୍କୁ ସଉତୁଣୀ କରି ଆଣିଥିଲେ। ଖୁଲଣାଙ୍କ ଗର୍ଭରୁ ଶ୍ରୀଧର ନାମରେ ଏକ ପୁତ୍ର ଜନ୍ମ ହେବାରୁ ନୟନା ପ୍ରତିଶୋଧ ପରାୟଣ ହୋଇ ଖୁଲଣାସୁନ୍ଦରୀଙ୍କୁ ଅକଥନୀୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେବା ସହ ଶିଶୁ ଶ୍ରୀଧରର ତଣ୍ଟିଚିପି ମାରିବା ପାଇଁ ଚେଷ୍ଟା କରେ। ତେଣୁ ଖୁଲଣା ପୁଅକୁ ଧରି ବନକୁ ଚାଲିଯାଏ। ମା' ମଙ୍ଗଳା ଖୁଲଣାକୁ ଅଭୟ ବର ଦିଅନ୍ତି। ସେ ପୁଅକୁ ଧରି ଶାନ୍ତିରେ ଥାନ୍ତି। ଦିନେ ପୁଅ ସାଙ୍ଗମାନଙ୍କ ଠାରୁ ଶୁଣି ମନଦୁଃଖରେ ଘରକୁ ଫେରି ମା'ଙ୍କୁ ବାପାର ପରିଚୟ ମାଗିଥିଲା। ଅନ୍ୟାୟରେ ବାପାଙ୍କୁ ରାଜା ବାନ୍ଧି ରଖିଥିବା ଜାଣି ତାଙ୍କୁ ଉଧାର କରିବା ପାଇଁ ସେ ରାଜ ଦରବାରରେ ପହଞ୍ଚିଯାଏ। ମା' ମଙ୍ଗଳାଙ୍କ ନିର୍ଦ୍ଦେଶରେ ରାଜା ସୁଦର୍ଶନ ଧନେଶ୍ୱରଙ୍କୁ ନିର୍ଦ୍ଦୋଷରେ ଛାଡ଼ିଦିଅନ୍ତି। ବାପ-ପୁଅଙ୍କ ସାକ୍ଷାତ୍ ଘଟେ। ନୟନାଙ୍କ ଚକ୍ରାନ୍ତରେ ଖୁଲଣା ଅନ୍ୟ ଏକ ପରୀକ୍ଷାର ସମ୍ମୁଖୀନ ହୁଏ। ଶ୍ରୀଧର ମା' ମଙ୍ଗଳାଙ୍କୁ ସ୍ମରଣ କରେ। ଆଉ ଖୁଲଣା ବିପଦମୁକ୍ତ ହୁଅନ୍ତି।

ଅନ୍ୟପକ୍ଷେ ଏହି ଅଞ୍ଚଳରେ ଭଞ୍ଜବଂଶୀୟ ରାଜାଙ୍କର ଏକାଧିକ କାଳଜୟୀ କୀର୍ତ୍ତି ରହିଛି। ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଦଶନ୍ଧି ବେଳକୁ ରିଘାଗଡ଼ କନିକାର ରାଜଧାନୀ ଥିଲା। ଏଠାରେ କନିକା ରାଜା ବିଶ୍ୱନାଥ ଭଞ୍ଜଙ୍କ ନଅର ଥିଲା। ପରବର୍ତ୍ତୀ କାଳରେ ରାଜା ବଳଭଦ୍ର ଭଞ୍ଜ ଏଠାରେ ବଳଦେବଜୀଉଙ୍କ ମନ୍ଦିର ନିର୍ମାଣ କରି ବିଗ୍ରହ ସ୍ଥାପନ କରାଇଥିଲେ। ୧୯୦୯ ମସିହାରେ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହି ମନ୍ଦିରର ରକ୍ଷଣାବେକ୍ଷଣ ତଥା ଏହାକୁ ନୂତନ ରୂପ ଦେଇଥିଲେ। ସେବେଠାରୁ କନିକା ରାଜାଙ୍କ ରାଜବଂଶୀୟ ମନ୍ଦିର ଟ୍ରଷ୍ଟ ପକ୍ଷରୁ ରିଘାଗଡ଼ରେ ଶ୍ରୀବଳଦେବଜୀଉଙ୍କୁ ପୂଜାର୍ଚ୍ଚନା କରାଯାଉଛି। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ରାଜା ରାଜେନ୍ଦ୍ର ନାରାୟଣ ଏଠାରୁ ରାଜଧାନୀ ସ୍ଥାନାନ୍ତର କରିବା ପରେ ସମୟକ୍ରମେ ରିଘାଗଡ଼ ରାଜନଅର ପରିତ୍ୟକ୍ତ ହୋଇ ମାଟିସ୍ତୂପରେ ପରିଣତ ହୋଇଯାଇଛି। ରିଘାଗଡ଼ରେ ଥିବା ମନ୍ଦିର ମୁଖଶାଳାର କାରୁକଳା ସ୍ୱତନ୍ତ୍ର। ଏଠାରେ ଜଗନ୍ନାଥଙ୍କଠାରୁ ବଳଦେବଙ୍କ ବିଗ୍ରହ ଅପେକ୍ଷାକୃତ ବଡ଼ ଦିଶନ୍ତି। ମନ୍ଦିରର ଆୟତନ, ଐତିହ୍ୟ, ଶିଳ୍ପ, ଭାସ୍କର୍ଯ୍ୟ ବିଶେଷତ୍ୱ ଅନନ୍ୟ। ଏହି ମନ୍ଦିରର ଜଗମୋହନ ରାଜସ୍ଥାନ ଶୈଳୀରେ ନିର୍ମିତ ହୋଇଛି। ସିଂହଦ୍ୱାରରେ ତତ୍କାଳୀନ ଶିଳ୍ପୀମାନଙ୍କ ଦ୍ୱାରା ନିଖୁଣ ଭାବରେ ଜୟଦେବଙ୍କ ଗୀତଗୋବିନ୍ଦ ବର୍ଣ୍ଣିତ ଦଶାବତାର ଓ ନବଗ୍ରହ ମୂର୍ତ୍ତି ନିର୍ମାଣ କରାଯାଇଛି। ସମ୍ମୁଖ ମନ୍ଦିରରେ ନୃସିଂହଙ୍କ ପିତ୍ତଳ ମୂର୍ତ୍ତି ସହିତ ରାଧାକୃଷ୍ଣ, ଚତୁର୍ଦ୍ଧା ବିଷ୍ଣୁମୂର୍ତ୍ତି, ଦୁଷ୍ପ୍ରାପ୍ୟ ତାଳପତ୍ର ପୋଥି ଏବଂ ଶାଳଗ୍ରାମ ଦେଖିବାକୁ ମିଳେ। ଅତୀତର ମୂକସାକ୍ଷୀ ରୂପେ ଚନ୍ଦନ ପୁଷ୍କରିଣୀ ରହିଛି। ମାଉସୀମା' ମନ୍ଦିର ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଶ୍ରୀଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥଜୀଉ ଓ ମା' ସୁଭଦ୍ରା ଦେବୀଙ୍କ ଦାରୁବ୍ରହ୍ମ ରାଜା ସ୍ଥାପନ କରିଥିଲେ। ଘଞ୍ଚ ଅରଣ୍ୟ, କାଦୁଅଭର୍ତ୍ତି ପରିବେଶରେ ଏଠାରେ ବିଜେ ବିଶାଳକାୟ ଦାରୁବ୍ରହ୍ମଙ୍କ ପାଇଁ ରଥ ନିର୍ମାଣ କରିବା ଓ ଏହାକୁ ଟାଣିବା ସମ୍ଭବପର ହେଉ ନ ଥିଲା। ପ୍ରାୟ ସାତ ଆଠ ଦଶନ୍ଧି ପୂର୍ବେ ରଥ ନିର୍ମାଣ ହୋଇଥିଲେ ମଧ୍ୟ ତାହା ଟାଣିବା ସମ୍ଭବ ନ ହେବାରୁ ମନ୍ଦିର ଭିତରେ ହିଁ ମୁରୁଜ ରଥ ନିର୍ମାଣ କରାଯାଇ ମହାବାହୁଙ୍କୁ ବିଧିମୁତାବକ ବିଜେ କରାଯାଇଥାଏ। ଏହି ପରମ୍ପରାକୁ ସମ୍ମାନ ଜଣାଇ ସ୍ମୃତି ରକ୍ଷା କରାଯାଇଛି। କନିକା ରାଜବଂଶର ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ରାଣୀ ମୃଣାଳିନୀ ଦେବୀ ଏହି ପରମ୍ପରାର ଦେଖାରଖା କରୁଛନ୍ତି। ଏହି ଗଡ଼ ସମ୍ପର୍କରେ ଗବେଷଣାର ଆବଶ୍ୟକତା ରହିଛି।

**-ଭାସ୍କର ରାଉତରାୟ**




ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ



# ମନୋରମ ହିଲ୍ ଷ୍ଟେଶନ

# ଲେନ୍ସଡାଉନ୍



ଉତ୍ତରାଖଣ୍ଡର ପୌଡ଼ି ଗଢ଼ୱାଲ ଜିଲା ଅନ୍ତର୍ଗତ ଏକ ଆକର୍ଷଣୀୟ ହିଲ୍‌ଷ୍ଟେଶନ ହେଉଛି ଲେନ୍ସଡାଉନ୍। ପ୍ରକୃତିପ୍ରେମୀ ତଥା ପକ୍ଷୀପ୍ରେମୀଙ୍କ ପାଇଁ ଏହି ସ୍ଥାନଟି ସର୍ବୋତ୍ତମ। ଏଠାକାର ଶାନ୍ତ ଓ ସବୁଜିମାଭରା ପରିବେଶରେ ବୁଲିବା ଖୁବ୍ ଆକର୍ଷକ ଲାଗେ।

**ଲେ**ନ୍ସଡାଉନ୍ ହେଉଛି ଏକ ମନୋରମ ହିଲ୍‌ଷ୍ଟେଶନ ; ଯାହାକି ଉତ୍ତରାଖଣ୍ଡର ପୌଡ଼ି ଗଢ଼ୱାଲ ଜିଲାରେ ଅବସ୍ଥିତ। ସମୁଦ୍ରପତ୍ତନରୁ ପ୍ରାୟ ୧,୭୮୦ ମିଟର ଉଚ୍ଚତାରେ ଥିବା ଏହି ପର୍ଯ୍ୟଟନସ୍ଥଳୀଟିର ଆକର୍ଷଣୀୟ ପରିବେଶ କାହାକୁ ବି ଆକର୍ଷିତ କରିପାରେ। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ଲେନ୍ସଡାଉନ୍‌ର ମୂଳନାମ କୁଆଡ଼େ 'କାଲୁଡାଣ୍ଡା' ଥିଲା ; ଯାହାର ଅର୍ଥ ଗଢ଼ୱାଲି ଭାଷାରେ 'କଳା ପାହାଡ' ବୋଲି କୁହାଯାଉଥିଲା। ହେଲେ ୧୮୮୭ ମସିହା ବେଳକୁ ଯେତେବେଳେ ବ୍ରିଟିଶର୍ସମାନେ ଏହି ହିଲ୍‌ଷ୍ଟେଶନର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ଏଠାରେ ରହିବାକୁ ଲାଗିଲେ, ସେତେବେଳେ ଲର୍ଡ ଲେନ୍ସଡାଉନ୍ ଭାଇସ୍‌ରୟ ଅଫ୍ ଇଣ୍ଡିଆ ଥିଲେ। ଆଉ ତାଙ୍କରି ନାମାନୁସାରେ ଏହି ହିଲ୍‌ଷ୍ଟେଶନର ନାମ ପରିବର୍ତ୍ତନ ହୋଇ ଲେନ୍ସଡାଉନ୍ ରଖାଯାଇଥିବା ସୂଚନା ରହିଛି।

**କ'ଣ ଦେଖିବେ:** ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ହିଲ୍‌ଷ୍ଟେଶନ ନିକଟରେ ବହୁ ଉଚ୍ଚ ଉଚ୍ଚ ପାହାଡ ଆଉ ତା' ମଧ୍ୟରେ ଛୋଟ ଛୋଟ ଗାଁ ସ୍ଥାନେ ସ୍ଥାନେ ଥିବାର ପର୍ଯ୍ୟଟକ ଦେଖିପାରିବେ। ସେହିପରି ଏହି ପାହାଡ଼ ସନ୍ଧିରୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟ ଦେଖିବା ବି ବେଶ୍ ମନୋରମ ଲାଗିଥାଏ। ଅନ୍ୟପକ୍ଷେ ଏହି ହିଲ୍‌ଷ୍ଟେଶନ ନିକଟରେ ପ୍ରାୟ ଶହେ ବର୍ଷରୁ ଅଧିକ ପୁରୁଣା ସେଣ୍ଟ ମେରି ଚର୍ଚ୍ଚକୁ ବି ପର୍ଯ୍ୟଟକ ଯାଇ ବୁଲି ଦେଖିପାରିବେ। ସେହିପରି ନିକଟରେ ଭୁଲା ତାଲ୍ ନାମରେ ଏକ ଛୋଟ ହ୍ରଦ ବି ଅଛି ; ଯେଉଁଠାରେ ନୌକା ବିହାରର ସୁବିଧା ଉପଲବ୍ଧ ରହିଛି। କେବଳ ସେତିକି ନୁହେଁ, ଉକ୍ତ ହିଲ୍‌ଷ୍ଟେଶନ ନିକଟରେ ଦୁଇଟି ଭିନ୍ନ ଭିନ୍ନ ପାହାଡ଼ ଉପରେ ସନ୍ତୋଷୀ ମାତାଙ୍କ ମନ୍ଦିର ଏବଂ ଭଗବାନ ଶିବଙ୍କୁ ସମର୍ପିତ ତାଡ଼କେଶ୍ୱର ମନ୍ଦିର ମଧ୍ୟ ରହିଛି। ତାଡ଼କେଶ୍ୱର ମନ୍ଦିରଟି ଯେଉଁ ପାହାଡ଼ ଉପରେ ରହିଛି ତାହା ତାଡ଼ ଏବଂ ଦେବଦାରୁ ବୃକ୍ଷରେ ସମ୍ପୂର୍ଣ୍ଣ ଭରି ହୋଇ ରହିଥିବା ପର୍ଯ୍ୟଟକ ଦେଖିପାରିବେ। ଏହି ମନ୍ଦିରକୁ କେହି କେହି ସିଦ୍ଧ ପୀଠ ବୋଲି ବି କହିଥାନ୍ତି।

ଏସବୁବ୍ୟତିତ ଏହି ପୂରା କ୍ଷେତ୍ରଟି ଏବେ ସେନା ଅଧୀନରେ ରହିବା ସହ ଏହାକୁ ଗଢ଼ୱାଲ୍ ରାଇଫଲ୍ସଙ୍କର ଏକ ଗଡ଼ ବୋଲି ବି କୁହାଯାଇଥାଏ। ଏଠାରେ ଏକ ଗଢ଼ୱାଲ୍ ରାଇଫଲ୍ସ ରେଜିମେଣ୍ଟାଲ୍ ମ୍ୟୁଜିୟମ୍ ବି ରହିଛି ; ଯେଉଁଠାରେ ଗଢ଼ୱାଲ୍ ରାଇଫଲ୍ସ ସହ ଜଡ଼ିତ ଅନେକ ତଥ୍ୟ, ଫଟୋ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଜିନିଷଗୁଡ଼ିକୁ ସାଇତି କରି ରଖାଯାଇଛି। ସ୍ୱତନ୍ତ୍ର ଅନୁମତି ନେଇ ପର୍ଯ୍ୟଟକ ଚାହିଁଲେ ଏହି ମ୍ୟୁଜିୟମ୍‌କୁ ଯାଇ ବୁଲି ମଧ୍ୟ ପାରିବେ। ପର୍ଯ୍ୟଟକଙ୍କ ନିମନ୍ତେ ଉକ୍ତ ମ୍ୟୁଜିୟମ୍‌ଟି ସନ୍ଧ୍ୟା ୫ଟା ଯାଏଁ ଖୋଲା ରହିଥାଏ। ଏହି ମ୍ୟୁଜିୟମ୍‌ଠାରୁ ମାତ୍ର ଅଳ୍ପ କିଛି ଦୂରରେ ଏକ ପ୍ୟାରେଡ୍ ଗ୍ରାଉଣ୍ଡ ବି ରହିଛି ; ଯାହାକୁ ସାଧାରଣ ପର୍ଯ୍ୟଟକ ବାହାରୁ ଥାଇ ଦେଖିପାରିବେ। କହିବାକୁ ଗଲେ, ଏହି ସ୍ଥାନଟି କୁଆଡ଼େ ସ୍ୱତନ୍ତ୍ରତା ଆନ୍ଦୋଳନ ସମ୍ପର୍କିତ ଅନେକ ଗତିବିଧିର ମୂକସାକ୍ଷୀ ଅଟେ।



**ପକ୍ଷୀପ୍ରେମୀଙ୍କ ପାଇଁ ସ୍ୱର୍ଗ:** ଏହି ହିଲ୍‌ଷ୍ଟେଶନର ସବୁଜିମାଭରା ପରିବେଶରେ ଜାତିଜାତିକା ପକ୍ଷୀଙ୍କୁ ଦେଖିବାର ସୁଯୋଗ ମିଳିଥାଏ। କେବଳ ସେତିକି ନୁହେଁ ଏଠାକାର ପାହାଡ଼ିଆ ଅଞ୍ଚଳରେ ଟ୍ରେକିଂ, ସାଇକ୍ଲିଂ, ବାଇକିଂ କରିବାର ମଜା ବି ବେଶ୍ ନିଆରା ଲାଗେ।

**କେବେ ଓ କେମିତି ଯିବେ:** ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ସମୟରେ ଏଠାକୁ ଗଲେ ବୁଲିବାକୁ ମଜା ଲାଗେ। ତେବେ ଶୀତଦିନେ ଏଠାରେ କୁଆଡ଼େ ଖୁବ୍ ତୁଷାରପାତ ହୁଏ ; ଯାହାର ମଜା ନେବାକୁ କିଛି ପର୍ଯ୍ୟଟକ ଶୀତଦିନେ ବି ଏଠାକୁ ଆସିଥାନ୍ତି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ଦିଲ୍ଲୀଠାରୁ ପ୍ରାୟ ୨୫୦ କି.ମି ଏବଂ ସ୍ଥାନୀୟ ପୌଡ଼ି ସହରଠାରୁ ପ୍ରାୟ ୮୩ କି.ମି ଦୂରରେ ଅବସ୍ଥିତ ଲେନ୍ସଡାଉନ୍ ହିଲ୍‌ଷ୍ଟେଶନର ନିକଟତମ ରେଲଷ୍ଟେଶନ ହେଉଛି କୋଟଦ୍ୱାର ଏବଂ ନିକଟବର୍ତ୍ତୀ ବିମାନବନ୍ଦର ହେଉଛି ଜୋଲିଗ୍ରାଣ୍ଟ ଏୟାରପୋର୍ଟ।



# ଜନ୍ମ ହେବାମାତ୍ରେ ଶିଶୁ କାନ୍ଦେ କାହିଁକି



**ନୂଆ କୁନି ସଦସ୍ୟର ଆଗମନରେ ଘରେ ଖୁସିର ଲହରି ଖେଳିଯାଏ। ତା'ର କୁଆଁ କୁଆଁ କାନ୍ଦ ଘରର ଖାଲିପଣକୁ ଭରିଦିଏ। ହେଲେ କେବେ ଭାବିଛନ୍ତି କି ଶିଶୁ ଜନ୍ମ ହେବାମାତ୍ରେ କାହିଁକି କାନ୍ଦେ? ଜାଣନ୍ତୁ ସେ ସମ୍ପର୍କରେ...**

ଜନ୍ମ ହେବା ମାତ୍ରେ ଶିଶୁର କାନ୍ଦିବାକୁ ଅନେକେ ସାଧାରଣ ବୋଲି ଭାବନ୍ତି। ଏହା ପଛର କାରଣ ଭୋକ, ଅସହଜତା ଅବା ଭୟ ବୋଲି ମନେ କରନ୍ତି। ହେଲେ ବିଜ୍ଞାନ କହେ ଏହାପଛରେ ଗଭିର କାରଣ ରହିଛି।

ମା' ଗର୍ଭରେ ଶିଶୁ ଏକ ସୁରକ୍ଷିତ, ଅନ୍ଧାରୁଆ ଓ ଉଷ୍ମ ପରିବେଶରେ ଥାଏ। ତା' ଚାରିପଟେ ତରଳ ପଦାର୍ଥ ଥାଏ। ଆଉ ତାପମାତ୍ରା ପ୍ରାୟ ୩୭° ଥାଏ। ଜନ୍ମ ହେବାମାତ୍ରେ ଶିଶୁ ଏହି ଆରାମଦାୟକ ପରିବେଶରୁ ବାହାରି ହଠାତ୍ ଥଣ୍ଡା ବାୟୁ, ଆଲୋକ ଓ କୋଳାହଳ ଭରା ଦୁନିଆକୁ ପ୍ରବେଶ କରେ। ତେଣୁ ସେ ଅସହଜ ମନେ କରେ। ଆଉ କାନ୍ଦି କାନ୍ଦି ନିଜର ପ୍ରତିକ୍ରିୟା ବ୍ୟକ୍ତ କରେ।

ଗର୍ଭରେ ଥିବାବେଳେ ଶିଶୁ ନିଜ ଫୁସଫୁସର ବ୍ୟବହାର କରି ନ ଥାଏ। ତାକୁ ଯାହା ବି ଅମ୍ଳଜାନ ଆବଶ୍ୟକ ହୁଏ ତାହା ସେ ପ୍ଲାସେଣ୍ଟା ମାଧ୍ୟମରେ ପାଇଥାଏ। ମା'ର ରକ୍ତରେ ଅମ୍ଳଜାନ ଥାଏ, ଯାହାକି ପ୍ଲାସେଣ୍ଟା ଓ ଅମ୍ବିଲିକାଲ କର୍ଡ୍ ମାଧ୍ୟମରେ ଶିଶୁ ନିକଟରେ ପହଞ୍ଚିଥାଏ। ଗର୍ଭନଳୀ ବା ଅମ୍ବିଲିକାଲ କର୍ଡ୍ ଶିଶୁକୁ ଅମ୍ଳଜାନ ପ୍ରଦାନ କରିବାର ଏକ ଜରୁରୀ ମାଧ୍ୟମର କାମ କରିଥାଏ। ଏହା ଯେ କେବଳ ଅମ୍ଳଜାନ ପ୍ରଦାନ କରେ ତାହା ନୁହେଁ, ଖାଦ୍ୟ ଓ ରୋଗରୁ ରକ୍ଷା କରୁଥିବା ଆଣ୍ଟିବଡ଼ି ବି ଶିଶୁକୁ ପ୍ରଦାନ କରିଥାଏ। ତେବେ ଶିଶୁ ଜନ୍ମ ହେବାପରେ ଏହି ପ୍ରକ୍ରିୟା ବନ୍ଦ ହୋଇଯାଏ। ପ୍ରଥମଥର ପାଇଁ କାନ୍ଦିବା ଦ୍ୱାରା ତା' ଫୁସ୍‌ଫୁସ୍ ବାୟୁରେ ଭରେ। ଆଉ ଅମ୍ଳଜାନ ରକ୍ତକୁ ପହଞ୍ଚିବାକୁ ଲାଗେ। ଯାହାକି ଏକ ନୂଆ ଜୀବନର ସବୁଠାରୁ ମହତ୍ୱପୂର୍ଣ୍ଣ ଆରମ୍ଭ।

ଶିଶୁ ଜନ୍ମ ହେବାମାତ୍ରେ ଯଦି କାନ୍ଦେ ତେବେ ଏହା ଜଣାଏ ଯେ, ଶିଶୁଟି ସୁସ୍ଥ ଅଛି। ଆଉ ତା'ର ଫୁସ୍‌ଫୁସ୍ ଏବଂ ଅନ୍ୟ ଅଙ୍ଗ ଠିକ୍ ଭାବେ କାମ କରୁଛି। ଖାସ୍ ଏହି କାରଣ ଯୋଗୁ ଶିଶୁ ଜନ୍ମ ପରେ ପରେ କାନ୍ଦିବା ଜରୁରୀ ବୋଲି କୁହାଯାଏ।

ଏହାବାଦ ଜନ୍ମ ପ୍ରକ୍ରିୟା ଶିଶୁ ପାଇଁ ଆଦୌ ସହଜ ନୁହେଁ। ଗର୍ଭରୁ ବାହାରିବା ସମୟରେ ତାକୁ ଶାରୀରିକ ଓ ମାନସିକ ଚାପ ଦେଇ ଗତି କରିବାକୁ ପଡ଼େ। କାନ୍ଦିବା ହେଉଛି ଏହି ଚାପକୁ କମ୍ କରିବାର ପ୍ରାକୃତିକ ଉପାୟ। ତା'ସହ ଏହାଦ୍ୱାରା ମସ୍ତିଷ୍କକୁ ଅମ୍ଳଜାନ ବି ପହଞ୍ଚେ।





ନର୍ମାଲ ଡେଲିଭରୀରେ ଶିଶୁ ଯେବେ ଜନ୍ମ ଗ୍ରହଣ କରେ ତା'ର ଛାତି ଉପରେ କିଛିଟା ଚାପ ପଡ଼େ। ଯଦ୍ୱାରା ତା'ର ଫୁସ୍‌ଫୁସ୍‌ରେ ଥିବା ପାଣି ବାହାରିଯାଏ। ଶିଶୁର ଫୁସ୍‌ଫୁସ୍‌ରେ ବାୟୁ ଭରିଯାଏ। ଆଉ ଫୁସ୍ ଫୁସ୍ କାମ କରିବା ଆରମ୍ଭ କରେ ଓ ଶିଶୁ କାନ୍ଦେ। ଏହି ପ୍ରକ୍ରିୟା ଜନ୍ମ ବେହାର ମାତ୍ର କେଇ ସେକେଣ୍ଡରେ ହୁଏ। ଆଉ ଶିଶୁ ପ୍ରଥମଥର ଶ୍ୱାସକ୍ରିୟା କରେ। ଏହି ନୂଆ ଜୀବନର ଆରମ୍ଭ ପାଇଁ ଏହି ପ୍ରକ୍ରିୟା ନିହାତି ଆବଶ୍ୟକ। ଶିଶୁ କାନ୍ଦିବା ଏହା ସଙ୍କେତ ଦିଏ କି ଶିଶୁର ଫୁସ୍‌ଫୁସ୍ କାମ କରିବା ଆରମ୍ଭ କଲା। ଯଦି ଶିଶୁ ନ କାନ୍ଦେ ତେବେ ଡାକ୍ତର ତୁରନ୍ତ ଚେକ୍ କରନ୍ତି। ହେଲେ ସି-ସେକ୍ସନରେ ଜନ୍ମ ହୋଇଥିବା ସବୁ ଶିଶୁ ତୁରନ୍ତ କାନ୍ଦି ନ ଥାଆନ୍ତି। କାରଣ ସାଧାରଣ ପ୍ରସବବେଳେ ଯେଉଁ ଚାପ ଶିଶୁ ଉପରେ ପଡ଼େ ତାହା ଏଥିରେ ପଡ଼ି ନ ଥାଏ। ତେଣୁ ଡାକ୍ତର ମେସିନ ସାହାଯ୍ୟରେ ଶିଶୁର ପାଟି ଓ ନାକ ସଫା କରନ୍ତି। ତାକୁ ଅମ୍ଳଜନ ପ୍ରଦାନ କରନ୍ତି। ଆବଶ୍ୟକ ହେଲେ ସିପିଆର ବି ଦିଅନ୍ତି। । ଯଦି ଶିଶୁ ଜନ୍ମର ତୁରନ୍ତ ପରେ ନ କାନ୍ଦେ ତାହା କିଛି ସ୍ୱାସ୍ଥ୍ୟଗତ ସମସ୍ୟାର ସଙ୍କେତ ଦିଏ। ଯେମିତିକି ଫୁସ୍ ଫୁସ୍‌ରେ ସମସ୍ୟା, ହୃତପିଣ୍ଡରେ ସମସ୍ୟା, ଜନ୍ମ ସମୟରେ ଅମ୍ଳଜାନର ଅଭାବ ଆଦି। ଏଭଳି ମାମଲା ଆସିଲେ ଡାକ୍ତର ତୁରନ୍ତ ଯାଞ୍ଚ କରି ଚିକିତ୍ସା ଆରମ୍ଭ କରନ୍ତି।




# ସବୁଠୁ ପତଳା କାର୍

ଇଏ ଏମିତି ଏକ କାର୍ ଯାହାକି ବାଇକ୍‌ଠୁ ପତଳା ଓ ଏହାର ଓସାର ତକିଆଠୁ କମ୍। ଏମିତି ବି ଲାଗେ କେହି ଜଣେ ଏକ ଫିଆଟ୍ କାର୍‌କୁ ମଝିରୁ କାଟି ଫାଳ କରି ଦେଇଛି। କହିବାକୁଗଲେ ଦେଖିବାକୁ ଏହା ବେଶ୍ ଅଜବ। ଲାଗେ ସତେ ଯେମିତି ଏକ ୨ଡି ସ୍କେଚ୍ ଜୀବନ୍ତ ହୋଇଯାଇଛି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି କାର୍ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ। ମେକାନିକ ଆଣ୍ଡ୍ରିଆ ମାରାଜି ଏହି କାରକୁ ଇଟାଲୀରେ ଆୟୋଜିତ 'ପାଣ୍ଡା ଏ ପାଣ୍ଡିନୋ ୨୦୨୫' ଇଭେଣ୍ଟରେ ପ୍ରଦର୍ଶିତ କରିଥିଲେ, ଯାହାର ନାଁ ସେ 'ପାଣ୍ଡା ଫର୍ ୱାନ୍' ରଖିଥିଲେ। ମାତ୍ର ୧୯ ଇଞ୍ଚ ଓସାରର ଏହି କାର୍ ପୃଥିବୀର ସବୁଠାରୁ ପତଳା କାର୍‌ର ପରିଚୟ ପାଇଛି। ଏହା ଏକ ସିଙ୍ଗଲ ସିଟର୍ ଇଲେକ୍ଟ୍ରିକ୍ କାର୍। ପାଷ୍ଟେଲ ବ୍ଲୁ ରଙ୍ଗର ଓ କାର୍ଟୁନ ଭଳି ଦେଖାଯାଉଥିବା ଏହି କାର୍‌ରେ ଅନ୍ୟ କାର୍ ଭଳି ଚାରୋଟି ଚକ ଓ ଦୁଇଟି ମିରର୍ ଅଛି। ଏହାକୁ ଆଗକୁ ପଛକୁ କରାଯାଇପାରେ, ଏହାର ଷ୍ଟିୟରିଂ, ବ୍ରେକିଂ ସିଷ୍ଟମ୍ ସାଧାରଣ କାର୍ ଭଳି କାମ କରେ। ଏଥିରେ ଏକ ସିଙ୍ଗଲ ଫ୍ରଣ୍ଟ ସିଟ୍ ଅଛି। ଆଉ ଏହାର ଠିକ୍ ପଛରେ ଏକ ଛୋଟ ସିଟ୍ ଅଛି, ଯେଉଁଥିରେ କେବଳ ଛୋଟ ପିଲା ବସିପାରିବ। ତା'ସହିତ ଏଥିରେ ମାନୁଆଲ ୱିଣ୍ଡୋ ବି ଅଛି। ଏହି କାର୍‌କୁ ଚଳାଇବା ବେଳେ ସମସ୍ତେ ଚକିତ ହୋଇ ଦେଖନ୍ତି।

## କଥା ଚାଟ୍



ଓଁ ଅଭିଜ୍ଞାନ ସାହୁ

# ଅସ୍ମିତାର ଛୁଙ୍କ

ଓଡ଼ିଆ ଜାତି କହିଲେ, ଆମମାନଙ୍କର ଖାରବେଳ ମନେପଡ଼ନ୍ତି । ମନେପଡ଼ନ୍ତି ଆମ କଳିଙ୍ଗ ଯୋଦ୍ଧାମାନେ କେମିତି ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୀମା ବିସ୍ତାର କରିଥିଲେ । ଜାଭା ଓ ବାଲି ଦ୍ୱୀପମାନଙ୍କୁ ଯାଉଥିବା ଆମ ସାଧବ ପୁଅମାନଙ୍କ କଥା ଉଲ୍ଲେଖ ନ କଲେ ଆମ ଐତିହ୍ୟର ସମୃଦ୍ଧିକୁ ସବିସ୍ତାରେ ଜଣେଇ ହେବନି । ଆମ ଅତୀତର ପ୍ରାଚୁର୍ଯ୍ୟ ଓ ଲୋକକଥା ଏତେ ପ୍ରବଳ ଭାବେ ଆମ କଳ୍ପନାକୁ ମାଡି ବସନ୍ତି ଯେ ଷୋଳ ଇଞ୍ଚିଆ ଛାତି ବି ଛତିଶ ଇଞ୍ଚ ହୋଇଯାଏ । ନିତି ଅଭାବର ଦୁଃଖ ପାଉଥିବା ଲୋକଟି କଳ୍ପନାରେ ସୁଖ ପାଏ । ସେମିତି ବି ଆହ୍ଲାଦିତ ହେଉଥାଏ କୌନ ବନେଗା କରୋଡପତି ଟିଭି ଶୋ'ର ବିଜୟୀ ପ୍ରତିଯୋଗୀଙ୍କୁ ଦେଖି । ହାତକୁ ପଇସା ନ ଆସୁ ପଛେ ଅତୀତର ସେହିସବୁ ସ୍ୱର୍ଣ୍ଣାଭ ଇତିହାସକୁ ମନେପକେଇ ଅତି ସାଧାରଣ ମଣିଷଟିଏ ଖୁସି ହୋଇଯାଏ । ନିଷ୍ଠୁର ବାସ୍ତବତାଠାରୁ ତା'ର ଏଇ କାଳ୍ପନିକ ଖୁସି କାହିଁ କେତେ କୋଶ ଦୂରରେ ।

ପ୍ରପିତାମହଙ୍କ ଅମଳରୁ ବାଘୁଆ ନିଶ ଥାଉ ନ ଥାଉ ଗୋଟେ ହୋ'ରେ ଗର୍ବ ଅମଳ ହେଇଚାଲିଛି । ଆମ ଗର୍ବିତ ଜାତିଙ୍କ ଖାଲି ଥିଲା ଥିଲାରେ ଅସ୍ମିତା ଚାଲିଛି । ଆମ ରାଜ୍ୟର କୁଶଳୀ କାରିଗର କୋଣାର୍କ ଗଢ଼ିଥିଲେ, ମୁକ୍ତେଶ୍ୱର ମନ୍ଦିର ଗଢ଼ିଥିଲେ, ସାଧବମାନେ ଜାଭା ସୁମାତ୍ରା ଭଳି ଦୂର ଦେଶକୁ ବଣିଜ କରିବାକୁ ଯାଉଥିଲେ, ପୂର୍ବପୁରୁଷଙ୍କ ଆଗଙ୍ଗାଗୋଦାବରୀ ସାମ୍ରାଜ୍ୟ ଥିଲା, ଢାଲ କରବାଳ ଧରି ପାଇକମାନେ ବାହ୍ୟଶତ୍ରୁଙ୍କୁ ଘଉଡେଇ ଦେଉଥିଲେ ଇତ୍ୟାଦି ଇତ୍ୟାଦି । ବ୍ୟାଖ୍ୟାକାରମାନେ ଆମ ଗୌରବମୟ ଇତିହାସର ସ୍ମୃତିଚାରଣ କଲାବେଳେ ଯେଉଁଭଳି ଭାବେ ଭାବବିହ୍ୱଳ ଓ ଛଳ ଛଳ ଶବ୍ଦ ସବୁ ଶ୍ରୋତାଙ୍କ ଉପରେ ଅଜାଡି ପକାନ୍ତି ତାକୁ ଶୁଣିଲେ ଲାଗେ ଆହାଃ ମୁଁ କେତେବଡ଼ ପାପୀ, ସ୍ୱାର୍ଥୀ, କୃତଘ୍ନ, ମୋ ରତ୍ନଗର୍ଭା ରାଇଜ ପାଇଁ ମୁଁ କିଛି ବି କରିପାରିଲି ନାହିଁ ! ସଭାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ବାଜୁଥିଲା ବେଳେ ଅତି ସୁଧାର ଭକ୍ତିରସ ଛଳ ଛଳ ଅଧୋମୁଖ ଜାତିପ୍ରେମୀମାନଙ୍କୁ ମଞ୍ଚରେ ଠିଆ ହୋଇଥିବାର ଦେଖିଲେ ସ୍ୱତଃ ମୋ ପାଟିରୁ ବାହାରି ଆସେ ଅତି ଭକ୍ତି ଚୋରର ଲକ୍ଷଣ । ମଞ୍ଚ ତଳେ କ୍ୟାମେରାମ୍ୟାନ, ସାମ୍ବାଦିକ, ଆୟୋଜକଙ୍କ ଭଳି ମୁଁ ବି ଖୁଜୁବୁଜୁ ହୁଏ । ସମସ୍ତଙ୍କ ମୁହଁରେ ଜାତିପ୍ରେମ ଉକୁଟି ଦିଶୁଛି କି ନା ଗାରେଡେଇ ଚାହେଁ । ଉଇ ଭଳି ଆସ୍ତେ ଆସ୍ତେ ରାଜ୍ୟର ବିପୁଳ ସମ୍ପଦ ଚଳୁ କରି ବ୍ୟବସ୍ଥାକୁ ପଙ୍ଗୁ କରୁଥିବା ଆମ ଭାଗ୍ୟବିଧାତାମାନେ ଯଦି ସତରେ ନିଜେ କହୁଥିବା କଥାକୁ ନିଜେ ହେଜନ୍ତି ତେବେ ରାଜ୍ୟର ଚେହେରାଟା କେବେଠୁ ଆଉ ପ୍ରକାରେ ହୋଇ ଯାଆନ୍ତାଣି ।

ଗଲା କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳୁ ନଦୀ କୂଳରେ କାଗଜ ଡଙ୍ଗା ବିକୁଥିବା ଦୁଇଜଣ ପଡ଼ୋଶୀଙ୍କ ବିଚ୍ ରାସ୍ତାରେ ଗଡାଗଡି ହେବା ଦୃଶ୍ୟ ଦେଖି ମନ ଦୁଃଖ ହୋଇଗଲା । ଝଗଡ଼ାର କାରଣ ଥିଲା କାର୍ତ୍ତିକ ପୂର୍ଣ୍ଣିମା ଦିନ ନଦୀ କୂଳରେ ଡଙ୍ଗା ବିକ୍ରି ପାଇଁ ଜଣେ ପୂର୍ବ ରାତିରୁ ଜାଗା ନିରୂପଣ କରି ବାଉଁଶ କିଲା ପୋତିଥିଲା । ସକାଳୁ ତା'ର ଆଉ ଜଣେ ପଡୋଶୀ ତା' ପାଖ ଜାଗାରେ ଡଙ୍ଗା ବିକ୍ରି ପାଇଁ ଆସି ପସରା ମେଲେଇବାରୁ ପ୍ରଥମ ଲୋକ ନିଜ ବେପାର କମ୍ ହେବା ଭୟରେ କଣ୍ଟା ବାଡ଼ରେ ଲୁଗା ପକେଇ ଝଗଡା ଆରମ୍ଭ କଲା । ତାଙ୍କ ଝଗଡା ଦେଖି ମୁଁ କ୍ଷଣିକ ଚିନ୍ତା କଲି କାଗଜ ଡଙ୍ଗା ବିକିବା ପାଇଁ ଏଠି ଝଗଡା କରୁଥିବା ଲୋକ ଯଦି ଜାଣିଥାନ୍ତେ ଏ ଡଙ୍ଗା ଭସା ପଛର ଐତିହ୍ୟ, ତେବେ ଜାଣିପାରନ୍ତେ ତାଙ୍କ ଜେଜେଙ୍କ ଜେଜେ ଦିନେ ଅସଲି ବୋଇତରେ ଦୂର ଦେଶକୁ ବଣିଜ କରିବାକୁ ଯାଉଥିଲେ । ନିଜ ପାଇଁ ଧନ ସମ୍ପତ୍ତି ଅର୍ଜୁଥିଲେ । ହେଲେ ହାୟ ସେହି ସାଧବଙ୍କ ଦାୟାଦ ଆଜି ବିଚ୍ ରାସ୍ତାରେ କାଗଜ ଡଙ୍ଗା ବିକ୍ରି ପାଇଁ ଝଗଡା କରୁଛି ।

କିଛି ବର୍ଷ ତଳେ ଉପକୂଳରେ ଏକ ବୃହତ୍ କାରଖାନା ପ୍ରତିଷ୍ଠା ପାଇଁ ରାଜିନାମା ସ୍ୱାକ୍ଷର ହେଲା ପରେ ସେଠାରେ ସମ୍ପୃକ୍ତ କାରଖାନାର ସହଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ବାହାର ରାଜ୍ୟରୁ ବ୍ୟବସାୟୀଙ୍କ ସୁଅ ଛୁଟିଲା । ବିରାଟ କାରଖାନା ପ୍ରତିଷ୍ଠା ଓ ତତ୍‌ସହିତ ଅନେକଗୁଡିଏ ସହଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ଦେଶ ବିଦେଶର ଶିଳ୍ପପତିମାନଙ୍କ ପ୍ରଥମ ପସନ୍ଦ ଏବେ ଓଡ଼ିଶା । ଗୋଟିଏ ଝଟକାରେ ଓଡ଼ିଶାର ସବୁ ବେକାର ସାଧବ ପୁଅମାନଙ୍କ ପାଇଁ ଶ୍ରମିକ ଚାକିରିର ବ୍ୟବସ୍ଥା ହୋଇଗଲା । ଆଉ



କେହି ଏଠି ବେକାର ରହିବେନି । ଓଡ଼ିଆ ଆଉ ସୁରଟ ନ ଯାଇ ଏବେ ନିଜ ରାଜ୍ୟରେ ଗୋଟି ଖଟିବେ ଭଳି ଅନେକ କର୍ଣ୍ଣସୁଖ ମନ୍ତବ୍ୟ ଦେଲାବେଳେ ନେତାମାନଙ୍କ ପାଟି ଖନି ବାଜୁ ନ ଥିଲା । ଟିଭି ଓ ଖବରକାଗଜରେ ନେତାମାନଙ୍କ ଗଡ଼ଜିତା ତେଜସ୍ୱିନୀ ମନ୍ତବ୍ୟ ସବୁ ଦେଖି ଲାଗୁଥିଲା ଯେମିତି ବହୁ ଦଶନ୍ଧି ଧରି ରାସ୍ତାରେ ବନ୍ଦ ପଡିଥିବା ପ୍ରଗତି ରଥ ଏଇ ମାତ୍ର ଗଡ଼ିବା ଆରମ୍ଭ ହେଲା । ରଥରେ ଇଞ୍ଜିନ ନ ଥାଏ କି ନେତାଙ୍କ ପ୍ରତିକ୍ରିୟାରେ 'କ୍ରିୟା' ନ ଥାଏ । କ୍ରିୟାବିହୀନ ପ୍ରତିକ୍ରିୟାରେ ବିନା ଇଞ୍ଜିନବାଲା ରଥକୁ ଶହେ ଶହେ ସ୍ପିଡ୍‌ରେ ଗଡେଇ ପାରୁଥିବା ଅନନ୍ୟ ଦକ୍ଷତାକୁ ଉତ୍କଳର ଏକମାତ୍ର ସଫଳଭାବେ ବିକଶିତ ହୋଇଥିବା ଉତ୍କୃଷ୍ଟ କଳା କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ବାସ୍ତବତା ହେଲା, ରାଜ୍ୟରେ ପ୍ରମୁଖ ଶିଳ୍ପ ବାହାର ରାଜ୍ୟରୁ ଆସିଥିବା ବିସ୍ତାରବାଦୀ ମୁନାଫାଖୋରଙ୍କ ଦ୍ୱାରା ସ୍ଥାପିତ । ସାଧବଙ୍କ ବଂଶଜ ତଥା ଅଧିକ ପାଠ ପଢିଥିବା ବିଦ୍ୱାନ ବଂଶଧରମାନେ ସେଠାରେ ଚାକିରି ପାଇ ନିଜକୁ କୃତାର୍ଥ ମଣନ୍ତି । ନିଜ ରାଜ୍ୟର ହାତଗଣତି ସାଧବମାନଙ୍କୁ ଛାଡିଦେଲେ ବାକି ସାଧବମାନେ ମୁକ୍ତବାଣିଜ୍ୟର ଆଡୁଆଳରେ ବିସ୍ତାରବାଦୀ ବହିରାଗତ ସୌଦାଗରଙ୍କ ଦୌରାତ୍ମ୍ୟ ଭୋଗିବା ସହ ସରକାରଙ୍କ ନିୟମକାନୁନ ଓ ଅଙ୍କୁଶର ନାଳିଫିତା ତଳେ ଦଣ୍ଡେ ଜିଇଁଲେ ଦଣ୍ଡେ ମରୁଛନ୍ତି ।

ଦିନେ ମୋତେ ଅଧିକ ବ୍ୟଥିତ କରିଥିଲା ଗୋଟିଏ ଖବରକାଗଜର ଦୁଇ ବିଶିଷ୍ଟ ଖବର । ହଜାର ହଜାର କୋଟି ଟଙ୍କାର ଏକ ବୃହତ୍ କାରଖାନା ପାଇଁ ରାଜିନାମା ସ୍ୱାକ୍ଷରିତ ହେବାର ଖବର ପ୍ରକାଶ ପାଇଥିବା ପୃଷ୍ଠାର ଗୋଟିଏ କୋଣରେ ଆଉ ଏକ ଖବର ପ୍ରକାଶିତ ହୋଇଥିଲା । ପ୍ରସ୍ତାବିତ କାରଖାନାକୁ ଯାଉଥିବା ମୁଖ୍ୟ ସଡକ ପାର୍ଶ୍ୱରେ ବରା ପିଆଜି ଜଳଖିଆ ଦୋକାନ କରିବାକୁ ନେଇ ଦୁଇ ଗ୍ରାମବାସୀଙ୍କ ଭିତରେ ତୁମୁଳକାଣ୍ଡ ଘଟି ଅନେକ ଆହତ ହୋଇଛନ୍ତି । କିଏ କିଏ ଗୁରୁତର ଆହତ ହୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେଉଛନ୍ତି । ଗୋଟିଏ ପଟେ ବହିରାଗତ ସାଧବମାନଙ୍କ ଆଗମନରେ ଉତ୍‌ଫୁଲ୍ଲିତ ଗର୍ବିତ ନେତା ଆଉ ଅନ୍ୟପଟେ ଏକଦା ବିଦେଶ ଯାଇ ରାଜ୍ୟ ପାଇଁ ପ୍ରାଚୁର୍ଯ୍ୟ ଆଣୁଥିବା ଆମ ସୌଦାଗରମାନଙ୍କ ବଂଶଜଙ୍କ ବାସ୍ତବ କରୁଣ ସ୍ଥିତି । ଗୋଟିଏ ପୃଷ୍ଠାରେ ପ୍ରକାଶିତ ଏହି ଦୁଇ ଖବର ମଧ୍ୟରେ ଥିବା ବିରୋଧାଭାସ କି ସନ୍ଦେଶ ଦେଉଛି ତାହା ଅବଶ୍ୟ ଭାବିବାର କଥା । ଆମ ସ୍ୱାଭିମାନ ଓ ଅସ୍ମିତାର ଭବିଷ୍ୟତ ବାହକମାନଙ୍କ ଭିତରୁ ଥାକେ ସୁରଟରେ ଗୋଟି ଖଟୁଥିବା ବେଳେ ଆଉ ଥାକେ ବେଙ୍ଗାଲୁରୁ ଭଳି ଅନ୍ୟ ରାଜ୍ୟରେ ବେଠି ଖଟୁଛନ୍ତି ଆଉ ବାକି କାର୍ତ୍ତିକ ପୂର୍ଣ୍ଣିମାରେ କାଗଜ ଡଙ୍ଗା ଭସେଇ ଧର୍ମ କମାଉଛନ୍ତି ।

ଅବସରପ୍ରାପ୍ତ ବିଶିଷ୍ଟ ପ୍ରଶାସକ ପ୍ରସନ୍ନ ମିଶ୍ରଙ୍କ ଏକ ସ୍ତମ୍ଭରୁ ଗପଟିଏ ଏଠି ଉଦ୍ଧାର କରୁଛି । ଦୁଇଟି ରାସ୍ତା ଯାଉଥିବା ଛକର ଏକ ଗଛମୂଳେ ଲୋକଟିଏ ବସି ଯାତାୟାତ କରୁଥିବା ଲୋକଙ୍କୁ ମଝିରେ ମଝିରେ ପଚାରୁଥାଏ 'ଅମୁକ ଜାଗାକୁ କେଉଁ ରାସ୍ତାରେ ଯିବି ?' କୌଣସି ଜଣେ ମଧ୍ୟ ଲୋକ ଉତ୍ତର ଦେଉ ନଥାନ୍ତି । ଗୋଟିଏ ଲୋକ ଏଇ ନାଟକ ଦେଖୁଥାଏ । ତାକୁ ମଧ୍ୟ ଲୋକଟି ପଚାରିଲା କେଉଁ ବାଟରେ ଯିବି । ସେ ମଧ୍ୟ ଉତ୍ତର ଦେଲାନି । ଘଣ୍ଟାଏ ବିତିଲା । ତା'ର ମନ ହେଲା ଠିଆ ହବ । ଠିଆ ହେଲା ଏବଂ ପାଖରେ ଠିଆ ହେଇଥିବା ଲୋକକୁ ବାଟ ପଚାରିଲା । ଲୋକଟି ଉତ୍ତର ଦେଇ କହିଲା, କେଉଁ ବାଟରେ ଯିବାକୁ ହେବ ।

ଲୋକଟି ଆଶ୍ଚର୍ଯ୍ୟ ହେଇ କହିଲା 'ଏତେଥର ପଚାରିଲି, ନିରୁତ୍ତର ରହୁଥିଲ କାହିଁକି ?' ସେ କହିଲା ''ତୁମେ ବସିଥିଲ ଓ ମଝିରେ ମଝିରେ ପଚାରୁଥିଲ । ମୁଁ ଏବଂ ଅନ୍ୟମାନେ ତୁମକୁ ଗୁରୁତ୍ୱ ଦେଉ ନ ଥିଲୁ । ତୁମେ ଯେତେବେଳେ ଠିଆ ହେଲ, ମୁଁ ଭାବିଲି ତୁମେ ପ୍ରସ୍ତୁତ ହେଲଣି ଏବଂ ଏବେ ଯିବ । ତେଣୁ ମୁଁ ତୁମ ପ୍ରଶ୍ନକୁ ଗୁରୁତ୍ୱ ଦେଲି ।'' ରାଜ୍ୟ କୋଣାର୍କ ପାଇଁ ଗର୍ବ କରୁ, କରିବା ଉଚିତ ମଧ୍ୟ । ହେଲେ ଖାଲି ବାପ ନିଶରେ ଗର୍ବ କରି ପଖାଳ ଖାଇ ଯଦି ଆମେ ଶୋଇ ପଡିବା ତେବେ ବିଶୁ ମହାରଣା ଓ ଧର୍ମପଦ କେବଳ କିମ୍ବଦନ୍ତୀ ହୋଇ ରହିଯିବେ । ବାପର ନିଶ ପାଇଁ ଗର୍ବ କରିବା ସହ ବେଳ ଥାଉ ଥାଉ ଯଦି ଆମେ ନିଜ ନିଶ ପ୍ରତି ସଚେତନ ହୋଇ ନୂତନ ଧର୍ମପଦମାନଙ୍କ ସୃଷ୍ଟି ପାଇଁ ସୁଯୋଗ ପ୍ରସ୍ତୁତ ନ କରିପାରିବା ତେବେ ଆଗାମୀ ବଂଶଧର ଆମକୁ କେବେ ବି କ୍ଷମା କରିବେ ନାହିଁ ।

*-ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ: ୯୯୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଝୁମା ଝୁମା ଜହ୍ନରାତି

**ଲେଖକ-ଭବାନୀ ପଞ୍ଚଯୋଷୀ**
**ପ୍ରକାଶକ: ଅଭିମାନ , ଜମାରସୁଆଁ, ପୁରୀ ମୂଲ୍ୟ: ୧୭୦ ଟଙ୍କା**





ଭବାନୀ ପଞ୍ଚଯୋଷୀଙ୍କ ରଚିତ ସ୍ମୃତି ଅନୁଭୂତି 'ଝୁମା ଝୁମା ଜହ୍ନରାତି ' ପୁସ୍ତକ ଅଭିମାନ ଦ୍ୱାରା ପ୍ରକାଶିତ ହୋଇଛି । 'ଝୁମା ଝୁମା ଜହ୍ନରାତି' ପୁସ୍ତକର ନାମରେ ଯେତିକି ମାଦକତା ଭରି ରହିଛି , ପଠନରେ ଭରି ରହିଛି ମଧୁରତାର ସେତିକି ପ୍ଲାବନ । ପଢିଲା ବେଳେ ପାଠକଙ୍କ ଆଖି ଆଗରେ ନାଚି ଉଠେ ପ୍ରାକୃତିକ ଶୋଭାରେ ସମୃଦ୍ଧ ଜ୍ୟୋତିବିହାର ବିଶ୍ୱ ବିଦ୍ୟାଳୟ ଓ ତା' ସହିତ ସରଳ, କୋମଳ, ନିର୍ମଳ, ନିର୍ଭିକ କିଛି ଯୁବକ ଯୁବତୀଙ୍କ ସ୍ୱଷ୍ଟ ଚିତ୍ର । ଲେଖକଙ୍କ ହାସ୍ୟବୋଧ ରଚନାଗୁଡିକୁ ସରସ ଓ ରସାଳ କରିଛି । ବିବିଧ ସ୍ମୃତି ପୁଷ୍ପରେ ସୁଶୋଭିତ ଏକ ପୁଷ୍ପ ବାଟିକା ସଦୃଶ ଏହି ପୁସ୍ତକଟି ପାଠକଙ୍କୁ ଭଲ ଲାଗିବ ବୋଲି ବିଶ୍ୱାସ । ପଚାଶବର୍ଷ ତଳର ଜ୍ୟୋତିବିହାରର କଥା କୁହେ ବହିର ପ୍ରତ୍ୟେକ ପୃଷ୍ଠା । ଲେଖକଙ୍କ ଶବ୍ଦ ସଂଯୋଜନା, ଉପସ୍ଥାପନା ଓ ଲେଖାରେ ଉକୁଟି ଦିଶୁଥିବା ସଚ୍ଚୋଟପଣିଆ ମନଛୁଆଁ ।

### ପ୍ରୀତିସିକ୍ତା

**କବି-ଡ. ଭରତ ଚନ୍ଦ୍ର ଦାଶ**
**ପ୍ରକାଶକ: ଦିବ୍ୟ ପ୍ରକାଶନୀ, ଦିବ୍ୟ ବିହାର, ସାମନ୍ତରାପୁର, ଭୁବନେଶ୍ୱର ମୂଲ୍ୟ: ୧୨୦ ଟଙ୍କା**

କବି ଡ. ଭରତ ଚନ୍ଦ୍ର ଦାଶଙ୍କ ପ୍ରେମ ପ୍ରଣୟର ଷୋଡ଼ଶ ଏକପଦୀ କବିତା ସଂକଳନ ଆମର ହସ୍ତଗତ ହୋଇଛି । କବିଙ୍କ ଭାଷାରେ ପ୍ରେମ ଅଛି ବୋଲି ତ ସ୍ୱପ୍ନଟିଏ ଅଛି, ସ୍ୱପ୍ନଟିଏ ଅଛି ବୋଲି ତ ମନଟିଏ ଅଛି । ସେହି ମନ ହିଁ ତ ସ୍ୱପ୍ନମୟ କରି ଗଢି ତୋଳିଛି କବିର ପ୍ରୀତି ବିଭୋର ହୃଦୟକୁ । କବିତା ସଂକଳନରେ ମୋଟ ୧୪୦ଟି ଏକପଦୀ ରହିଛି, ଯାହା ବେଶ୍ ସୁସଜ୍ଜିତ ଓ ଗୀତିମୟ । ପ୍ରକୃତି ପ୍ରେମ ବିରହର ଚିତ୍ରୋପମା ରୂପକ, ଶ୍ଲେଷ ଇତ୍ୟାଦି ଅନୁପ୍ରାସର ସ୍ୱାଭାବିକ ପ୍ରୟୋଗ ସହିତ କବି ଅନ୍ତରର ନିରବ ପରିଭାଷାକୁ ସୁନ୍ଦରଭାଷାରେ ଚିତ୍ରିତ କରିଛନ୍ତି । ପ୍ରେମ, ପ୍ରଣୟ ଓ ବିରହର ରୂପ ଶୋଭା ଓ ସମର୍ପଣ କବିତାର ମୁଖ୍ୟ ପ୍ରସଙ୍ଗ । କେବେ ଅନୁଭୂତିର ଗଭିରତା, କେବେ ଦେହ ଜୀବନର ସୌନ୍ଦର୍ଯ୍ୟ, କେବେ ମୃତ୍ୟୁରେ ଶବ୍ଦର ଅମରତ୍ୱ ସବୁରେ ମିଶି ରହିଛି କବି ହୃଦୟର ସ୍ପନ୍ଦନ । ପ୍ରୀତିସିକ୍ତା ପାଠକଙ୍କ ମନକୁ ନିଶ୍ଚିନ୍ତ ଛୁଇଁବ ବୋଲି ବିଶ୍ୱାସ ।









ବ୍ୟାକ୍ ପେଜ୍

# ହାତୀ ନୁହେଁ, ଏ ହେଉଛି ବିଲ୍ଡିଂ

ଦୂରରୁ ଦେଖିଲେ ଲାଗିବ ସହର ମଝିରେ ଏକ ବିରାଟକାୟ ହାତୀ ଠିଆ ହୋଇଛି। ଡ଼ର ବି ଲାଗିବ । ହେଲେ ପାଖକୁ ଆସିଲେ ଜାଣିପାରିବେ ଏହା ଅସଲି ହାତୀ ନୁହେଁ। ବରଂ ହାତୀ ଆକାରର ଏକ ବଡ଼ ବିଲ୍ଡିଂ। ଆଉ ଏହି ବିଲ୍ଡିଂଟି 'ଲୁସି ଦ ଏଲିଫ୍ୟାଣ୍ଟ' ନାମରେ ବେଶ୍ ପରିଚିତ। ଛଅ ମହଲା ବିଶିଷ୍ଟ ହାତୀ ଆକୃତିର ଏହି ବିଲ୍ଡିଂଟି କାଠ ଫ୍ରେମ ଏବଂ ଟିନ୍‌ରେ ଆଚ୍ଛାଦିତ। ୧୮୮୧ ମସିହାରେ ନ୍ୟୁ ଜର୍ସିର ମାର୍ଗେଟ ସିଟିରେ ଏହାକୁ ନିର୍ମାଣ କରାଯାଇଥିଲା। ଜେମ୍ସ ଭି. ଲାଫର୍ଟି ଏହାକୁ ନିର୍ମାଣ କରିଥିଲେ। ଆଉ ଏହାକୁ ନିର୍ମାଣ କରିବା ପଛର ଉଦ୍ଦେଶ୍ୟ ଥିଲା ରିଅଲ ଇଷ୍ଟେଟ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟଟକଙ୍କୁ ଏହି ଅଞ୍ଚଳକୁ ଆକର୍ଷିତ କରିବା। ଏବେ ଲୁସି ଦ ଏଲିଫ୍ୟାଣ୍ଟ' ବିଲ୍ଡିଂ ଆମେରିକାର ସବୁଠାରୁ ପୁରୁଣା ପଥପାର୍ଶ୍ୱ ପର୍ଯ୍ୟଟନ ଆକର୍ଷଣ ଭାବେ ପରିଚିତ। ଲାଫର୍ଟି ତିଆରି କରୁଥିବା ପଶୁ ଆକୃତିର କୋଠା ଡିଜାଇନ ମଧ୍ୟରୁ ଏହା ହେଉଛି ଏକମାତ୍ର ସୁରକ୍ଷିତ ବିଲ୍ଡିଂ, ଯାହାକି ଏକ ଜାତୀୟ ଐତିହାସିକ ଲ୍ୟାଣ୍ଡମାର୍କରେ ପରିଣତ ହୋଇଛି।

# ସତ ନୁହେଁ ଭ୍ରମ



କୋସିମୋ କୈଫା ଜଣେ ପ୍ରତିଭାବାନ ଇଟାଲୀୟ ଗ୍ରାଫିଟି କଳାକାର ଯିଏକି ସ୍ପ୍ରେ କ୍ୟାନ ବ୍ୟବହାର କରି ଭ୍ରମ ସୃଷ୍ଟିକାରୀ ଅନେକ ଆକର୍ଷଣୀୟ ଷ୍ଟ୍ରିଟ ଆର୍ଟ କରନ୍ତି। ୪୪ ବର୍ଷୀୟ କୈଫା, 'ଚିଓନ' ନାମରେ ମଧ୍ୟ ପରିଚିତ। ସେ ନିଜର ଜନ୍ମସ୍ଥାନ ମିଲାନ ନିକଟସ୍ଥ ନର୍ଭିଆନୋରେ ଅଧିକାଂଶ ଆର୍ଟ କରିଥାନ୍ତି। ତାଙ୍କର ଅଧିକାଂଶ ଷ୍ଟ୍ରିଟ ଆର୍ଟ ପ୍ରୋଜେକ୍ଟଗୁଡ଼ିକ ପରିବେଶ ସହିତ ଏମିତି ଭାବରେ ସମନ୍ୱିତ ହୋଇଯାଏ ଯେ, ବିଶ୍ୱାସ କରିହୁଏନା ଏହା କେବଳ ଏକ ଆର୍ଟ ବୋଲି। ବରଂ ଲାଗେ ସମ୍ପୂର୍ଣ୍ଣ ବାସ୍ତବ। ରାସ୍ତାରେ ଯିବା ଆସିବା କରୁଥିବା ପଥଚାରୀମାନେ ଏହି ପେଣ୍ଟିଂଗୁଡିକୁ ସତ ଭାବି ଅନେକ ସମୟରେ ବୋକା ବନି ଯାଆନ୍ତି। ତାଙ୍କ ପେଣ୍ଟିଂ ଏତେ ବାସ୍ତବ ହୋଇଥାଏ ଯେ, ଯଦି ଠିକ ଆଙ୍ଗେଲରୁ ଦେଖାଯାଏ ଲାଗେ ସତେ ଯେମିତି ପେଣ୍ଟିଂର ମଣିଷ କାନ୍ଥରୁ ବାହାରକୁ ବାହାରି ଆସୁଛି। କଳା ଏବଂ କଳାକାରମାନଙ୍କ ଭିତରେ ବଢ଼ିଥିବା କୈଫା, ବହୁତ କମ ବୟସରୁ କାନଭାସରେ ଚିତ୍ରକଳା ଆରମ୍ଭ କରିଥିଲେ। ତେବେ ସେ ଯେବେଠୁ ଗ୍ରାଫିଟି କଳା ସମ୍ପର୍କରେ ଜାଣିଲେ, ଏହି କଳା କରି ନିଜ ଜୀବନର ବାକି ସମୟ ତକ ବିତାଇବାକୁ ଚାହିଁଲେ। ଆଉ ନିଜେ ନିଜେ ପ୍ରୟାସ କରି ଥ୍ରୀଡି ଷ୍ଟ୍ରିଟ ଆର୍ଟ କୌଶଳ ଶିଖିଲେ। ପରେ ସେ ସହରର ନୀରସ, ବିରକ୍ତିକର କାନ୍ଥ ଓ ସ୍ଥାନଗୁଡ଼ିକୁ ଭ୍ରମସୃଷ୍ଟିକାରି ପେଣ୍ଟିଂରେ ପରିବର୍ତ୍ତନ କରିବାକୁ ଲାଗିଲେ। ତେବେ ଏହାକୁ କରିବା ପୂର୍ବରୁ ସେ ମୁନିସିପାଲିଟିଠାରୁ ଅନୁମତି ନେବାକୁ ଭୁଲି ନଥାନ୍ତି।





# ବରଫ ଡଙ୍ଗା

ବରଫର ପ୍ରତିମୂର୍ତ୍ତି ଦେଖିଥିବେ। ଏହା ଦେଖିବାକୁ ତ ଖୁବ୍ ସୁନ୍ଦର, ହେଲେ ଆୟୁଷ ଖୁବ୍ କମ୍ ହୋଇଥାଏ। ତେବେ ବେଲାରୁଷର ଇଭାନ କାର୍ପିତସ୍କି ନାମକ ଜଣେ ବ୍ୟକ୍ତି ତିଆରି କରିଛନ୍ତି ଏମିତି ଏକ ଡଙ୍ଗା, ଯାହାକି ପୁରାପୁରି ବରଫରେ ତିଆରି। ଲାଗିବ ଏହା ଡ଼ଙ୍ଗାର ଏକ ପ୍ରତିକୃତୀ, ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ। ଏହି ଡଙ୍ଗାକୁ ସେ ଚଲାଇ ଯାଇପାରନ୍ତି। ଏଥିରେ ଷ୍ଟିୟରିଂ ହ୍ୱିଲ ସହ ପ୍ୟାଡଲିଂ ମେକାନିଜମ୍ ଅଛି। ଏହାର ପାର୍ଟଗୁଡିକ ବରଫରେ ତିଆରି। ଇଭାନ ଏହି ଡଙ୍ଗାକୁ ରୁଷ, ମିନ୍‌ସ୍କର ଏକ ଜଳଭଣ୍ଡାରରେ ଚଳାଇଥିଲେ। ଏହାକୁ ତିଆରି କରିବା ଲାଗି ଇଭାନ ବଡ଼ ବଡ଼ ବରଫ ଖଣ୍ଡକୁ ଆୟତାକାରରେ କାଟି ତାକୁ ଅଠାରେ ଯୋଡିଥିଲେ। ପରେ କିଛି ଯନ୍ତ୍ର ସାହାଯ୍ୟରେ ଖୋଳି ଡଙ୍ଗାର ରୂପ ଦେଇଥିଲେ। ଆଉ ଏହାର ଛାଞ୍ଚଭାବେ ଲୁହାକୁ ବ୍ୟବହାର କରିଥିଲେ। ଏଥିରେ ଅଟୋମେଟେଡ ପେଡାଲ ଅଛି, ଯାହାକି ତଟବର୍ତ୍ତୀ ବିଦ୍ୟୁତ ସ୍ରୋତ ମାଧ୍ୟମରେ ନିୟନ୍ତ୍ରିତ ହୋଇଥାଏ। ଡ଼ଙ୍ଗାଟି ଦେଖିବାକୁ ଏତେ ଆକର୍ଷକ ଯେ, ପରୀ କଥାର ଡଙ୍ଗା ଭଳି ଲାଗେ। ହେଲେ ଏହା ଏକ ବାସ୍ତବ ଡ଼ଙ୍ଗା, ଯାହାକି ସମସ୍ତଙ୍କ ମନ ଜିଣିଥିଲା।